# ପିଏଲ୍‌ଏଫ୍‌ଆଇ ଜୋନାଲ କମାଣ୍ଡର ଗିରଫ

**ରାଉରକେଲା ଅଫିସ, ୫।୨**

ରାଉରକେଲା ପୋଲିସ କବ୍‌ଜାରେ ଦୁର୍ଦ୍ଦାନ୍ତ ପିପୁଲ୍ସ ଲିବରେଶନ ଫ୍ରଣ୍ଟ ଅଫ୍ ଇଣ୍ଡିଆ (ପିଏଲ୍‌ଏଫ୍‌ଆଇ)ର ଜୋନାଲ କମାଣ୍ଡର ଅର୍ଜୁନ ରାଣା ଓରଫ୍ କପିଲ ପାଠକ ଓରଫ୍ ରାହୁଲ। ଦୀର୍ଘଦିନ ଧରି ଲୋକମାନଙ୍କୁ ଧମକଚମକ ଦେଇ ବଟି ଆଦାୟ କରିବା ଏବଂ ବିଭିନ୍ନ ଅପହରଣ ଘଟଣାରେ ସମ୍ପୃକ୍ତ ଥାଇ ଫେରାର ଥିବା ଅର୍ଜୁନଙ୍କୁ ପୋଲିସ ସୁଦୂର ଆସାମରୁ ଗିରଫ କରିଛି। ତାଙ୍କଠାରୁ ଏକ ସେମି ଅଟୋମେଟିକ ବନ୍ଧୁକ ଏବଂ ୫ଟି ଗୁଳି ଜବତ କରାଯାଇଛି। ତାଙ୍କୁ ଶନିବାର କୋର୍ଟଚାଲାଣ କରାଯାଇଥିବା ସୂଚନା ଦେଇଛନ୍ତି ରାଉରକେଲା ଏସ୍‌ପି ମୁକେଶ କୁମାର ଭାମୁ।



ଗିରଫ ପିଏଲ୍‌ଏଫ୍‌ଆଇ ଜୋନାଲ କମାଣ୍ଡର ଅର୍ଜୁନ ରାଣା ଓ ଜବତ ବନ୍ଧୁକ ଓ ଗୁଳି।

ଶନିବାର ଏସ୍‌ପି ଅଫିସରେ ଅନୁଷ୍ଠିତ ଏକ ଖବରଦାତା ସମ୍ମିଳନୀରେ ଭାମୁ କହିଥିଲେ, ପିଏଲ୍‌ଏଫ୍‌ଆଇ ଜୋନାଲ କମାଣ୍ଡର ଅର୍ଜୁନ ରାଣା ଓଡ଼ିଶା–ଝାଡଖଣ୍ଡ ସୀମାରେ ଆତଙ୍କ ସୃଷ୍ଟି କରୁଥିଲେ। ଏକାଧିକ ଅପରାଧରେ ସମ୍ପୃକ୍ତ ଥିବା ପିଏଲ୍‌ଏଫ୍‌ଆଇ ସୁପ୍ରିମୋ ଦିନେଶ ଗୋପଙ୍କ ସେ ସହଯୋଗୀ ଅଟନ୍ତି। ଅର୍ଜୁନ ରାଉରକେଲା ସହର ସମେତ ଆଖପାଖ ଅଞ୍ଚଳର ବ୍ୟବସାୟୀମାନଙ୍କୁ ଟାର୍ଗେଟ କରୁଥିଲେ। ପିଏଲ୍‌ଏଫ୍‌ଆଇର କାର୍ଯ୍ୟକଳାପ ସମ୍ପର୍କିତ ଭିଡିଓ ଦେଖାଇବା ସହ ସେମାନଙ୍କୁ ଡରାଇ ବଟି ଆଦାୟ କରୁଥିବା ନେଇ ଅର୍ଜୁନଙ୍କ ବିରୋଧରେ ରାଉରକେଲାର ବିଭିନ୍ନ ଥାନାରେ ଏକାଧିକ ମାମଲା ରହିଛି। ସେ ରାଉରକେଲା ଓ ସୁନ୍ଦରଗଡ଼ ପୋଲିସର ମୋଷ୍ଟ ୱାଣ୍ଟେଡ ତାଲିକାରେ ଥିବାବେଳେ ପୂର୍ବରୁ ତାଙ୍କର କିଛି ସହଯୋଗୀଙ୍କୁ ଗିରଫ କରାଯାଇଛି ବୋଲି ଏସ୍‌ପି ଭାମୁ କହିଛନ୍ତି।

## ସଂକ୍ଷେପରେ

### ମହିଳାଙ୍କ ମୃତଦେହ ଜବତ

**କୁଚିଣ୍ଡା,୫।୨(ଡି.ଏନ.ଏ.):** କୁଚିଣ୍ଡା ଥାନା ସଇଡା ଗ୍ରାମ ନିକଟ ତୁରିମାଲରୁ ଶନିବାର ସକାଳେ ପୋଲିସ ଜଣେ ଅଜଣା ମହିଳାଙ୍କ ମୃତଦେହ ଜବତ କରିଛି। ଚିହ୍ନଟ ପାଇଁ ଏହାକୁ କୁଚିଣ୍ଡା ଉପଖଣ୍ଡ ମେଡିକାଲରେ ସଂରକ୍ଷିତ ରଖାଯାଇଛି। ମୃତା ମହିଳାଙ୍କ ବୟସ ୪୨ବର୍ଷ ହେବ। ଏ ନେଇ କୁଚିଣ୍ଡା ପୋଲିସ ଏକ ମାମଲା (ନଂ.୪/୨୨) ରୁଜୁ କରି ତଦନ୍ତ ଚଳାଇଛି।

### ଦୟାଶଙ୍କର ଦ୍ୱିବେଦୀ ଭାଜପା ଯୁବମୋର୍ଚ୍ଚା ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ

**ଦେବଗଡ଼,୫।୨(ଡି.ଏନ.ଏ.):** ଭାଜପା ଯୁବମୋର୍ଚ୍ଚା ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଭାବେ ଏଠାକାର ଯୁବନେତା ଦୟାଶଙ୍କର ଦ୍ୱିବେଦୀ ମନୋନୀତ ହୋଇଛନ୍ତି। ଜିଲା ଭାଜପା ସଭାପତି ମୀନକେତନ ପ୍ରଧାନଙ୍କ ଅନୁରୋଧ କ୍ରମେ ରାଜ୍ୟ ଭାଜପା ଯୁବମୋର୍ଚ୍ଚା ସଭାପତି ଇରାଶିଷ ଅଚାର୍ଯ୍ୟ ତାଙ୍କ ନିଯୁକ୍ତିକୁ ଅନୁମୋଦନ କରିଛନ୍ତି। ଏ ସମ୍ପର୍କରେ ଜିଲା ସଭାପତି ପ୍ରଧାନ ଏକ ପ୍ରେସ ବିବୃତିରେ ପ୍ରକାଶ କରିଛନ୍ତି।



### ଟ୍ରକ୍‌କୁ ପିଟିଲା ବାଇକ୍: ଜଣେ ମୃତ

**ରାଜଗାଙ୍ଗପୁର,୫।୨(ଡି.ଏନ.ଏ):** ସୁନ୍ଦରଗଡ଼ ଜିଲା ରାଜଗାଙ୍ଗପୁର ଥାନା ଅଧୀନ ଲମଲୋଇ ବାଇପାସ୍ ନିକଟରେ ଶନିବାର ରାତି ୮ଟା ସମୟରେ ଗୋଟିଏ ବାଇକ୍ ଟ୍ରକ୍ ପଛକୁ ଧକ୍କା ଦେବାରୁ ଜଣେ ବାଇକ୍ ଚାଳକଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ କୁକୁଡା ଗ୍ରାମର ବିରାଜ ଟପ୍ପୋ (୨୪)। ଏହି ଦୁର୍ଘଟଣାରେ ବାଇକ୍‌ରେ ବସିଥିବା ଭିଭିଆନ ଟପ୍ପୋ (୨୨) ଗୁରୁତର ହୋଇଛନ୍ତି। ତାଙ୍କୁ ପ୍ରଥମେ ରାଜଗାଙ୍ଗପୁର ସରକାରୀ ଡାକ୍ତରଖାନା ଏବଂ ପରେ ରାଉରକେଲା ସ୍ଥାନାନ୍ତର କରାଯାଇଛି। ପୋଲିସ ମୃତଦେହ ଜବତ କରି ତଦନ୍ତ ଚଳାଇଛି। ସୂଚନା ଅନୁସାରେ, ବିରାଜ ଓ ଭିଭିଆନ ଏକ ବାଇକ୍ ଯୋଗେ ରାଜଗାଙ୍ଗପୁର ସରକାରୀ ଚିକିତ୍ସାଳୟରେ ନିଜ ସମ୍ପର୍କୀୟଙ୍କୁ ଭେଟି ନିଜ ଗ୍ରାମ କୁକୁଡା ଅଭିମୁଖେ ଫେରୁଥିଲେ। ଏହି ସମୟରେ ଲମଲୋଇ ବାଇପାସ୍ ନିକଟରେ ସେମାନେ ଏକ ଟ୍ରକ୍‌କୁ ପଛପଟୁ ଧକ୍କା ଦେଇଥିଲେ। ଖବର ପାଇ ପୋଲିସ ଉଭୟ ଗୁରୁତରଙ୍କୁ ରାଜଗାଙ୍ଗପୁର ସରକାରୀ ଡାକ୍ତରଖାନା ପଠାଇଥିଲେ। ସେଠାରେ ଡାକ୍ତର ବିରାଜଙ୍କୁ ମୃତ ଘୋଷଣା କରିଥିଲେ। ରବିବାର ମୃତଦେହ ବ୍ୟବଚ୍ଛେଦ କରାଯିବ ବୋଲି ପୋଲିସ କହିଛି।

### ତାଲା ଭାଙ୍ଗି ଲୁଟିନେଲେ ଲକ୍ଷାଧିକ ଟଙ୍କା

**ରାଉରକେଲା ଅଫିସ,୫।୨:** ଟାଙ୍ଗରପାଲି ଥାନା ସାରନଗରୀ ଅଞ୍ଚଳରୁ ଘର ତାଲା ଭାଙ୍ଗି ଲକ୍ଷାଧିକ ଟଙ୍କା ଲୁଟ ହୋଇଛି। ଏ ନେଇ ପୋଲିସ ଏକ ମାମଲା (ନଂ.୧୨।୨୨) ରୁଜୁ କରି ତଦନ୍ତ ଚଳାଇଛି। ସାରନଗରୀ କ୍ୱାର୍ଟର୍ସ ନଂ ଏ/୧୦ରେ ସୁଶାନ୍ତ ସାମଲ ଶୁକ୍ରବାର ରାତି ସାଢ଼େ ୯ଟାରେ ନିକଟସ୍ଥ ମାର୍କେଟ୍‌କୁ ଯାଇଥିଲେ। ଏହି ସମୟରେ କିଛି ଦୁର୍ବୃତ୍ତ ତାଲା ଭାଙ୍ଗି ଆଲମିରା ଲକ୍‌ରରୁ ନଗଦ ୨ଲକ୍ଷ ୪୦ ହଜାର ଟଙ୍କା ଚୋରି କରି ନେଇଥିଲେ। ସୁଶାନ୍ତ ଘରେ ପହଞ୍ଚିବା ପରେ ଆଲମିରାରେ ଟଙ୍କା ନ ଥିବା ଦେଖି ଅଭିଯୋଗ କରିଥିଲେ।

# ଝଡ଼ବର୍ଷା: ଘର ଭାଙ୍ଗିଲା, ପରିବା ଫସଲ ନଷ୍ଟ

**କୁଚିଣ୍ଡା,୫।୨(ଡି.ଏନ.ଏ.)**

କୁଚିଣ୍ଡା ବ୍ଲକରେ ଶୁକ୍ରବାର ଝଡ଼ବର୍ଷା ସାଙ୍ଗକୁ କୁଆପଥର ମାଡ଼ ହୋଇଛି। ଏଥିରେ ଘର ଭାଙ୍ଗିବା ସହ ବ୍ୟାପକ ପରିବା ଫସଲ ନଷ୍ଟ ହୋଇଛି। ପୂର୍ବରୁ ଅଦିନିଆ ବର୍ଷାରେ ଚାଷୀ ଚିନ୍ତାରେ ଥିବାବେଳେ ଭୋର ୫ଟା ସମୟରେ ହଠାତ୍ ଝଡବର୍ଷା ଓ କୁଆପଥର ମାଡ଼ ହୋଇଥିଲା। ଏଥିରେ ଚାଷୀଙ୍କ ସୋରିଷ, ଟମାଟୋ, ବାଇଗଣ, ଆଳୁ, କୋବି, ଝୁଡଙ୍ଗ, କଖାରୁ ଆଦି ଫସଲ କ୍ଷତି ହୋଇଛି। ପାରୁଆଭାଡି, ରାମତିଲେଇମାଲ, ଗୋଛରା, ପଣ୍ଡରୀକଟା, ଉଲଣ୍ଡା, ଗୋପାଳପାଲି, କହ୍ଲେଇପାଲି, ଲଇଗୁରା, ଗୁରୁଆଁ, ବାଙ୍କେ, ତମନଗୋଡା, କର୍ଡାଖମନ, ଡୁମ୍ବେରମାଲ, କଟୁପାଲି, କୁନ୍ତରା, ରଙ୍ଗିଆଟିକ୍ରା ଆଦି ଗ୍ରାମର ଚାଷୀ କୁଆପଥର ମାଡ଼ ଯୋଗୁ ସର୍ବସ୍ୱାନ୍ତ ହୋଇପଡିଛନ୍ତି। ପାରୁଆଭାଡି ପଞ୍ଚାୟତ ରାମତିଲେଇମାଲ ଛୁଟିପଡା ଗ୍ରାମର ଲକ୍ଷ୍ମୀଧର ଲୁହାଙ୍କ ଘର ଛାତ ଉଡିଯାଇଥିବାବେଳେ ପନିପରିବା ଚାଷ ସମ୍ପୂର୍ଣ୍ଣ ଉଜୁଡିଯାଇଛି। ପ୍ରଶାସନ କ୍ଷୟକ୍ଷତି ଆକଳନ କରି ସହାୟତା ପ୍ରଦାନ କରିବାକୁ ଚାଷୀ ମହଲରେ ଦାବି ହେଉଛି।



ଝଡ଼ବର୍ଷାରେ ଭାଙ୍ଗିଥିବା ଘର।

# ବନ୍ଧବାହାଲରେ ଖୋଲିଲା ଶପିଂ ମଲ୍ ସମ୍ପର୍କ ବଜାର



ଶପିଂ ମଲ୍ ଉଦ୍‌ଘାଟନ କରୁଛନ୍ତି ଅତିଥିମାନେ।

**ଝାରସୁଗୁଡ଼ା ଅଫିସ,୫।୨**

ଝାରସୁଗୁଡ଼ା ଜିଲା ବନ୍ଧବାହାଲ ସମଲେଇ ମନ୍ଦିର ସମ୍ମୁଖରେ ଏକ ଶପିଂ ମଲ୍ ସମ୍ପର୍କ ବଜାର ଶନିବାର ଉଦ୍‌ଘାଟିତ ହୋଇଛି। ଚଳଚ୍ଚିତ୍ର ଅଭିନେତ୍ରୀ ଅର୍ଚ୍ଚିତା ସାହୁ, ଅଭିନେତା ସବ୍ୟସାଚୀ ମିଶ୍ର ଓ ସାମାଜିକ କର୍ମୀ ମେଘନା ସାହୁ ଅତିଥିଭାବେ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ଏହି ମଲ୍ ଖୋଲିବାପରେ ଲୋକେ ପାଖରେ ଗୋଟିଏ ସ୍ଥାନରେ ଗ୍ରୋସରୀ, କିଚେନ୍, ଡ୍ରେସ୍ ଓ ଲୁଗା ଆଦି ସୁଲଭ ମୂଲ୍ୟରେ ପାଇପାରିବେ ବୋଲି ଅତିଥିମାନେ କହିଥିଲେ । ଶପିଂ ମଲ୍ ମାଲିକ ସଞ୍ଜୟ ପ୍ରଧାନ ଓ ତାଙ୍କ ସ୍ତ୍ରୀ ଶୈଳବାଳା ପ୍ରଧାନ କହିଛନ୍ତି, ଲୋକେ ଦୂରକୁ ଯାଇ ସାମଗ୍ରୀ କିଣୁଥିଲେ। ଏଥିପାଇଁ ଅଧିକ ଖର୍ଚ୍ଚାନ୍ତ ଓ ସମୟ ଦେବାକୁ ପଡୁଥିଲା । ଏହାକୁ ଦୃଷ୍ଟିରେ ରଖି ମଲ୍ ଖୋଲାଯାଇଛି। ସୁଲଭ ମୂଲ୍ୟରେ ସାମଗ୍ରୀ ଯୋଗାଇବା ସହ ସମ୍ପର୍କ ଯୋଡିବା ମୂଳଲକ୍ଷ୍ୟ ବୋଲି କହିଥିଲେ। ପ୍ରଥମ ଦିବସରେ ଗ୍ରାହକମାନେ ମଲ୍‌ରୁ ସକାଳୁ ରାତି ପର୍ଯ୍ୟନ୍ତ ବିଭିନ୍ନ ସାମଗ୍ରୀ କିଣୁଥିବା ଦେଖିବାକୁ ମିଳିଥିଲା ।



ସମ୍ବଲପୁର ଦୟାନନ୍ଦ ପବ୍ଲିକ ସ୍କୁଲରେ ଶନିବାର ସରସ୍ୱତୀଙ୍କ ପୂଜାର୍ଚ୍ଚନା କରାଯାଉଛି ।

# ଉନ୍ନୟନ କାର୍ଯ୍ୟର ସମୀକ୍ଷା କଲେ ରେଲୱେ ମହାପ୍ରବନ୍ଧକ

**ରାଉରକେଲା ଅଫିସ,୫।୨**

ଦକ୍ଷିଣ–ପୂର୍ବ ରେଳପଥର ମହାପ୍ରବନ୍ଧକ ଅର୍ଚ୍ଚନା ଯୋଶୀ ଶନିବାର ରାଉରକେଲା ବନ୍ଧମୁଣ୍ଡା ସ୍ଥିତ ମୁଖ୍ୟ କାର୍ଯ୍ୟାଳୟରେ ବିଭାଗୀୟ ବରିଷ୍ଠ ଅଧିକାରୀମାନଙ୍କ ଉପସ୍ଥିତିରେ ଚକ୍ରଧରପୁର ଡିଭିଜନର ଉନ୍ନୟନମୂଳକ କାର୍ଯ୍ୟର ସମୀକ୍ଷା କରିଛନ୍ତି। ସମୀକ୍ଷା ବୈଠକରେ ଚକ୍ରଧରପୁର ଡିଭିଜନର ରେଲୱେ ମ୍ୟାନେଜର ବିଜୟ କୁମାର ସାହୁ ଉପସ୍ଥିତ ଥିଲେ। ମହାପ୍ରବନ୍ଧକ ଯୋଶୀ ରେଞ୍ଜାରା ଷ୍ଟେଶନ ପରିଦର୍ଶନ କରି ସେଠାରେ ଇଲେକ୍ଟ୍ରୋନିକ୍ ଇଣ୍ଟରଲକିଂ କୋଠାର ଉଦ୍‌ଘାଟନ କରିଥିଲେ। ବରସୁଆଁ ଓ ବିମଳାଗଡ଼ ଷ୍ଟେଶନର ଉନ୍ନତୀକରଣ ପାଇଁ ସେ ପ୍ରସ୍ତାବ ଦେଇଥିଲେ। ପରେ ବନ୍ଧମୁଣ୍ଡା ରେଳ ଷ୍ଟେଶନର ଷ୍ଟକି ୟାର୍ଡ଼ ଓ ରେଳ ଧାରଣା କଭର ସେଡ୍ କାର୍ଯ୍ୟ ଶୁଭାରମ୍ଭ କରିଥିଲେ। ଏହାପରେ ଯୋଶୀ ରାଉରକେଲା ରେଳ ଷ୍ଟେଶନରେ ବ୍ରିଜ, ରନିଂ ରୁମ୍, ଟ୍ରାକ ମେଶିନ ଓ ଦ୍ୱିତୀୟ ପ୍ରବେଶ ରେଳପଥର ଲିଫ୍ଟ ବ୍ୟବସ୍ଥା କାମ ଶୀଘ୍ର ଶେଷ କରିବା ପାଇଁ ନିର୍ଦ୍ଦେଶ ଦେଇଥିଲେ।

# ବିଲ ମଧ୍ୟକୁ ପଶିଲା ବରଯାତ୍ରୀ କାର୍: ୫ ଆହତ

**ଦେବଗଡ଼,୫।୨(ଡି.ଏନ.ଏ)**

ସ୍ଥାନୀୟ ଶ୍ରୀ ଝାଡେଶ୍ୱର ମହାଦେବ ମନ୍ଦିର ନିକଟ ୫୩ନଂ ଜାତୀୟ ରାଜପଥରେ ଏକ ବରଯାତ୍ରୀ କାର୍ ଦୁର୍ଘଟଣାଗ୍ରସ୍ତ ହେବାରୁ ୫ଜଣ ଆହତ ହୋଇଛନ୍ତି। ଜଣଙ୍କର ଅବସ୍ଥା ଗୁରୁତର ଥିବାରୁ ତାଙ୍କୁ ବୁର୍ଲା ମେଡିକାଲକୁ ସ୍ଥାନାନ୍ତର କରାଯାଇଛି। ସୂଚନା ମୁତାବକ ଶୁକ୍ରବାର ରାତିରେ କେନ୍ଦ୍ରାପଡା ଜିଲା ସିଲିପୁର ଗ୍ରାମରେ ସୁନ୍ଦରଗଡ଼ ହାଉସିଂ ବୋର୍ଡ କଲୋନୀର ପ୍ରଭାତ ବେହେରାଙ୍କର ବିବାହ ଉତ୍ସବ ଅନୁଷ୍ଠିତ ହୋଇଥିଲା। ଏଥିରେ ବରଯାତ୍ରୀ ଭାବେ ଯୋଗଦେବା ପାଇଁ ଏକ କାର୍ (ନଂଓଡି୧୬ବି–୦୪୪୦) ଯୋଗେ ପ୍ରଭାତଙ୍କ ସାନଭାଇ ପ୍ରଦୀପ ବେହେରା, ସମ୍ପର୍କୀୟା ମିନୁ ବେହେରା ଓ ଅନନ୍ୟା ବେହେରାଙ୍କ ସମେତ ନିତ୍ୟାନନ୍ଦ ରାଉଳିଆ, ସୌମ୍ୟରଞ୍ଜନ ସାହୁ ଯାଇଥିଲେ। ଶନିବାର ସେମାନେ ଫେରୁଥିବା ବେଳେ ଝାଡେଶ୍ୱର ମହାଦେବ ମନ୍ଦିର ନିକଟରେ ଭାରସାମ୍ୟ ହରାଇ କାର୍‌ଟି ରାସ୍ତାପାର୍ଶ୍ୱ ବିଲକୁ ଓଲଟି ପଡିଥିଲା। ଫଳରେ ଉପରୋକ୍ତ ୫ ଜଣ ଆହତ ହୋଇଥିଲେ । ସ୍ଥାନୀୟ ଲୋକେ ୧୦୮ ଆମ୍ବୁଲାନ୍ସ ଯୋଗେ ସେମାନଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ଦେବଗଡ ଆଦର୍ଶ ଥାନା ପୋଲିସ କାର୍ ଜବତ କରିବା ସହ ଏକ ମାମଲା ରୁଜୁକରି ଘଟଣାର ତଦନ୍ତ ଆରମ୍ଭ କରିଛି।

# ପଶ୍ଚିମ ଓଡ଼ିଶା ଯୁବା ମଞ୍ଚର କମିଟି ଘୋଷିତ

**ସୁନ୍ଦରଗଡ,୫।୧(ଡି.ଏନ.ଏ )**

ସ୍ଥାନୀୟ ଆରଆର୍‌ଆଇଟି କଲୋନୀ ଠାରେ ପଶ୍ଚିମ ଓଡ଼ିଶା ଯୁବା ମଞ୍ଚ, ସୁନ୍ଦରଗଡ ଜିଲା କାର୍ଯ୍ୟକାରିଣୀ ବୈଠକ ଶନିବାର ଅନୁଷ୍ଠିତ ହୋଇଯାଇଛି। କେନ୍ଦ୍ରୀୟ କମିଟି ସଦସ୍ୟ ଦିନେଶ ପଟେଲଙ୍କ ଉପସ୍ଥିତି ତଥା ଜିଲା କାର୍ଯ୍ୟକାରୀ କମିଟି ସଦସ୍ୟ ସୌମ୍ୟରଞ୍ଜନ ଦାସଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ବୈଠକରେ ସୁନ୍ଦରଗଡ଼ ଜିଲା କମିଟି ଘୋଷଣା କରାଯାଇଛି। ଏହି ଅସରରେ ନୂତନ ସଦସ୍ୟଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ପରେ ସଙ୍ଗଠନର ଲକ୍ଷ୍ୟ ଏବଂ ଉଦ୍ଦେଶ୍ୟ ସମ୍ପର୍କରେ ସୂଚନା ଦିଆଯାଇଥିଲା। ଆଗମୀ ଦିନରେ କୋଶଳ ରାଜ୍ୟ ଆନ୍ଦୋଳନ, ଅଞ୍ଚଳର ବିକାଶ, ବେକାରୀ ସମସ୍ୟା, ସୁନ୍ଦରଗଡରେ ଏମ୍ସ ହସପିଟାଲର ପ୍ରତିଷ୍ଠା, ଜିଲାର ବିଭିନ୍ନ ଦର୍ଶନୀୟ, ତୀର୍ଥ ସ୍ଥାନ ଓ ଐତିହାସିକ ସ୍ଥଳିଗୁଡିକର ପୁନରୁଦ୍ଧାର ଏବଂ ବିକାଶ ନିମନ୍ତେ ଯୁବା ମଞ୍ଚ ସ୍ୱର ଉତ୍ତୋଳନ କରିବ ବୋଲି ନୂତନ ଜିଲା ଆବାହକ ରଞ୍ଜନ ମହାନନ୍ଦିଆ ମତବ୍ୟକ୍ତ କରିଛନ୍ତି। ବୈଠକରେ ଉପସ୍ଥିତ ସମସ୍ତ ସଦସ୍ୟଙ୍କ ସହ ଆଲୋଚନା ଏବଂ ସହମତି ନେଇ ନୂତନ ଜିଲା କମିଟି ଗଠନ କରାଯାଇଥିବା ସଙ୍ଗଠନ ପକ୍ଷରୁ କୁହାଯାଇଛି।

# ଇଆର୍‌ପି ପ୍ରୟୋଗରେ ପରିବର୍ତ୍ତନ ପରିଚାଳନା କର୍ମଶାଳା

**ସମ୍ବଲପୁର,୫।୨ (ବ୍ୟୁରୋ)**

ମହାନଦୀ କୋଲଫିଲ୍ଡ ଲିମିଟେଡ (ଏମ୍‌ସିଏଲ୍) ପକ୍ଷରୁ ଇଆର୍‌ପି ପ୍ରୟୋଗରେ ପରିବର୍ତ୍ତନ ପରିଚାଳାନା ଶୀର୍ଷକ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଏମ୍‌ସିଏଲ୍ ଅଧ୍ୟକ୍ଷ ତଥା ପରିଚାଳନା ନିର୍ଦ୍ଦେଶକ ଓ.ପି. ସିଂ ଏଥିରେ ଅଧ୍ୟକ୍ଷତା କରିଥିଲେ। ବିତ୍ତ ନିର୍ଦ୍ଦେଶକ କେ.ଆର୍. ବାସୁଦେବନ, କାର୍ମିକ ନିର୍ଦ୍ଦେଶକ କେଶବ ରାଓ, ସିଭିଓ ପି.କେ. ପଟେଲ, ବୈଷୟିକ ଯୋଜନା ଓ ପରିଯୋଜନା ନିର୍ଦ୍ଦେଶକ ଏସ୍.କେ. ପାଲଙ୍କ ସମେତ ଭର୍ଚୁଆଲ ଜରିଆରେ ଜେନେରାଲ ମ୍ୟାନେଜର, ବିଭିନ୍ନ କ୍ଷେତ୍ର ମୁଖ୍ୟ ଯୋଗଦେଇଥିଲେ। ଜେନେରାଲ ମ୍ୟାନେଜର ଏ.ସି. ଦେ ସ୍ୱାଗତ ଭାଷଣ ଓ ଅନୁ ରାଜ ଧନ୍ୟବାଦ ଅର୍ପଣ କରିଥିଲେ ।

# କ୍ରିକେଟ ଟୁର୍ନାମେଣ୍ଟ: ଅନୁଗୋଳ ଚାମ୍ପିୟନ

**ନାକଟିଦେଉଳ,୫।୨(ଡି.ଏନ.ଏ.)**

ନାକଟିଦେଉଳ ବ୍ଲକ ଘୋଷରାମାଲ ପଞ୍ଚାୟତର ଲାଣ୍ଡିମାଲ ଗ୍ରାମରେ ଗତ ୩ତାରିଖଠାରୁ ଆରମ୍ଭ ହୋଇଥିବା ଅଲ ଓଡ଼ିଶା କ୍ରିକେଟ ଟୁର୍ନାମେଣ୍ଟ ଶନିବାର ଉଦ୍‌ଯାପିତ ହୋଇଯାଇଛି। ଟୁର୍ନାମେଣ୍ଟରେ ୮ଟି ଦଳ ଅଂଶ ଗ୍ରହଣ କରିଥିବାବେଳେ ଫାଇନାଲ ମ୍ୟାଚ ଲୁଟୁ ୱାରିଅସ ଅନୁଗୋଳ ଓ କମାଣ୍ଡୋ ୧୧ ଭୁବନେଶ୍ୱର ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଭୁବନେଶ୍ୱର ଦଳ ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୧୦ ଓଭରରେ ୯ଉଇକେଟ ହରାଇ ୯୭ରନ କରିଥିଲା। ଅନୁଗୋଳ ଟିମ୍ ୮.୩ ଓଭରରେ ୩ ଉଇକେଟ ହରାଇ ଆବଶ୍ୟକ ରନ ସଂଗ୍ରହ କରି ଚାମ୍ପିୟନ ହୋଇଥିଲା। ଅନୁଗୋଳର ସିଂଗଲ ଦାସ ମ୍ୟାନ ଅଫ ଦି ମ୍ୟାଚ ଓ ଭୁବନେଶ୍ୱରର ଜଗନ ମ୍ୟାନ ଅଫ ଦି ସିରିଜ ବିବେଚିତ ହୋଇଥିଲେ। ବବୁଲୁ ଓ ସ୍ୱରାଜ ଖେଳ ପରିଚାଳନା କରିଥିଲେ। ପୁରସ୍କାର ବିତରଣୀ ଉତ୍ସବରେ ପୂର୍ବତନ ବ୍ଲକ ଅଧ୍ୟକ୍ଷ ସୁଦର୍ଶନ ସାହୁ ମୁଖ୍ୟଅତିଥି ଓ ଭାଜପା ନେତା ଗୋବିନ୍ଦ ଅଗ୍ରୱାଲା, ଜିଲା ପରିଷଦ ଜୋନ–୧ ସଭ୍ୟ ପୂର୍ଣ୍ଣଚନ୍ଦ୍ର ଗଡ଼ତ୍ୟା, ସାମାଜିକ କର୍ମୀ ଶିବରାମ ସାହୁ ସମ୍ମାନିତ ଅତିଥି ଭାବେ ଯୋଗଦେଇ ବିଜେତା ଏବଂ ଉପବିଜେତା ଦଳକୁ ଟ୍ରଫି ସହ ନଗଦ ରାଶି ଦେଇ ପୁରସ୍କୃତ କରିଥିଲେ।



ଖେଳାଳିଙ୍କ ଗହଣରେ ଅତିଥିମାନେ।

# ଜେଲ୍ ଗଲେ ପୂର୍ବତନ କର୍ପୋରେଟରଙ୍କ ସ୍ୱାମୀ

**ସରକାରୀ ଫ୍ଲାଟ୍ ଯୋଗାଇବା ନାଁରେ ଟଙ୍କା ଠକେଇ ଘଟଣା**

- ୧୪.୯ ଲକ୍ଷ, ଗୁରୁତ୍ୱପୂର୍ଣ୍ଣ କାଗଜପତ୍ର ଜବତ
- କୋର୍ଟରେ ୩ ଦିନିଆ ରିମାଣ୍ଡ ଆବେଦନ

**କଟକ ଅଫିସ, ୫।୨**



ସରକାରୀ ଫ୍ଲାଟ୍ ଯୋଗାଇବାକୁ କହି ଟଙ୍କା ଠକିନେବା ଅଭିଯୋଗରେ କଟକ ମହାନଗର ନିଗମ(ସିଏମ୍‌ସି) ୫୩ ନଂ. ୱାର୍ଡର ପୂର୍ବତନ କର୍ପୋରେଟରଙ୍କ ସ୍ୱାମୀ ରାଜା କରଣଙ୍କୁ ମଧୁପାଟଣା ପୋଲିସ ଗିରଫ କରି ଶନିବାର କୋର୍ଟଚାଲାଣ କରିଛି। ପରେ ତାଙ୍କୁ ଜେଲ୍‌କୁ ପଠାଇ ଦିଆଯାଇଛି। ତାଙ୍କ ଘର ସ୍ଥାନୀୟ ଅନ୍ଦରପୁର ଅଞ୍ଚଳରେ। ତାଙ୍କ ନିକଟରୁ ୧୪ ଲକ୍ଷ ୯୦ ହଜାର ଟଙ୍କା ସମେତ ଗୁରୁତ୍ୱପୂର୍ଣ୍ଣ କାଗଜପତ୍ର ଜବତ ହୋଇଛି। ଅଭିଯୁକ୍ତଙ୍କୁ ଅଧିକ ପଚରାଉଚରା କରିବା ପାଇଁ କଟକ ଏସ୍‌ଡିଜେଏମ୍ କୋର୍ଟରେ ପୋଲିସ ପକ୍ଷରୁ ୩ ଦିନିଆ ରିମାଣ୍ଡ ଆବେଦନ କରାଯାଇଛି ବୋଲି ମଧୁପାଟଣା ଥାନାରେ ଆୟୋଜିତ ଖବରଦାତା ସମ୍ମିଳନୀରେ ଜୋନ୍–୬ ଏସିପି ଅମରେନ୍ଦ୍ର ପଣ୍ଡା କହିଛନ୍ତି।

ଏସିପିଙ୍କ ସୂଚନା ଅନୁଯାୟୀ, ସରକାରଙ୍କ ପକ୍ଷରୁ ବସ୍ତିବାସିନ୍ଦାଙ୍କୁ ସ୍ଥାୟୀ ବାସଗୃହ ଯୋଗାଇ ଦେବା ପାଇଁ ସମନ୍ୱିତ ଆବାସ ଯୋଜନାରେ ଅନ୍ଦରପୁରଠାରେ ୪ଟି ବ୍ଲକ୍‌ରେ ୧୯୨ଟି ଫ୍ଲାଟ୍ ନିର୍ମାଣ କରାଯାଇଥିଲା। ସେଥିମଧ୍ୟରୁ ୬୯ ଜଣ ହିତାଧିକାରୀଙ୍କୁ ଫ୍ଲାଟ୍ ଆବଣ୍ଟନ ହୋଇଥିଲା। ହେଲେ ବଣ୍ଟନରେ ଅନିୟମିତତାକୁ ନେଇ ହାଇକୋର୍ଟରେ ମାମଲା ଦାଏର ହୋଇଥିଲା। ହାଇକୋର୍ଟ ଏହାର ଶୁଣାଣି କରି ରହିତାଦେଶ ଜାରି କରିବା ପରେ ଅବଶିଷ୍ଟ ଫ୍ଲାଟ୍‌ଗୁଡିକ ଖାଲି ରହିଥିଲା। ଫଳରେ ସିଏମ୍‌ସି ଅନ୍ୟ ହିତାଧିକାରୀଙ୍କୁ ଆଉ ଫ୍ଲାଟ୍ ଆବଣ୍ଟନ କରିପାରି ନ ଥିଲା। ଏହାର ସୁଯୋଗ ନେଇ ରାଜା ଫ୍ଲାଟ୍ ଯୋଗାଇଦେବାର ପ୍ରତିଶ୍ରୁତି ଦେଇ ୪୦ ଜଣଙ୍କଠାରୁ ଲକ୍ଷାଧିକ ଟଙ୍କା ନେଇଥିଲେ। ଏହି କ୍ରମରେ ଜଗତ୍‌ସିଂହପୁର ଜିଲା ବାଲିକୁଦା ଥାନା ଅଞ୍ଚଳର ସମୀର ପାଲ ଅନ୍ଦରପୁରସ୍ଥିତ ଉକ୍ତ ଫ୍ଲାଟ୍ କିଣିବା ପାଇଁ ରାଜାଙ୍କୁ ୨ ଲକ୍ଷ ୩୦ ହଜାର ଦେଇଥିଲେ। ପରବର୍ତ୍ତୀ ସମୟରେ ରାଜା ତାଙ୍କୁ ଘର ଯୋଗାଇ ନ ଥିଲେ କି ଟଙ୍କା ଫେରାଇ ନ ଥିଲେ। ଏ ନେଇ ସମୀର ମଧୁପାଟଣା ଥାନାରେ ଅଭିଯୋଗ କରିବା ପରେ ପୋଲିସ ଏକ ମାମଲା(ନଂ.୩୩/୨୨) ରୁଜୁ କରିଥିଲା। ଅଭିଯୁକ୍ତ ଜଣଙ୍କ ଲୋକଙ୍କୁ ଠକିବା ସହ ଏକାଧିକ ଫ୍ଲାଟ୍ ନିଜ କବ୍‌ଜାରେ ରଖିଥିଲେ। ସେଥିମଧ୍ୟରେ ଥିବା ଏକ ଘରୁ ମଦ ବୋତଲ ସହ ଆପତ୍ତିଜନକ ସାମଗ୍ରୀକୁ ପୋଲିସ ଜବତ କରିଥିଲା।

### ବିଜେଡିରୁ ରାଜା, ରଞ୍ଜିତା ନିଲମ୍ବିତ

ସରକାରୀ ଫ୍ଲାଟ୍ ଯୋଗାଇବା ନାଁରେ ଟଙ୍କା ଠକେଇ ଘଟଣାରେ ଗିରଫ ହୋଇଥିବା ଅଭିଯୁକ୍ତ ରାଜାଙ୍କ ସ୍ତ୍ରୀ ପୂର୍ବତନ କର୍ପୋରେଟର ତଥା ବିଜୁ ମହିଳା ଜନତା ଦଳର କାର୍ଯ୍ୟକାରୀ ସଭାପତି ରଞ୍ଜିତା କରଣଙ୍କୁ ଦଳର ପ୍ରାଥମିକ ସଦସ୍ୟ ପଦରୁ ନିଲମ୍ବିତ କରାଯାଇଛି। ଏଥିସହ ରାଜାଙ୍କୁ ମଧ ନିଲମ୍ବନ କରାଯାଇଥିବା ନେଇ ବିଜେଡି କଟକ ଜିଲା ସଭାପତି ଦେବାଶିଷ ସାମନ୍ତରାୟ ଶନିବାର ପ୍ରେସ୍ ବିବୃତିରେ ଜଣାଇଛନ୍ତି। ରାଜନୈତିକ କ୍ଷମତା ବଳରେ ରାଜା ଏଭଳି ବେଆଇନ କାର୍ଯ୍ୟ କରିଥିବା ଅଭିଯୋଗ ଆସିବା ପରେ ଦମ୍ପତିଙ୍କ ଉପରେ ପଦକ୍ଷେପ ନେବାକୁ ଚୌଦ୍ୱାର-କଟକ ବିଧାୟକ ସୌଭିକ୍ ବିଶ୍ୱାଳ ଜିଲା ସଭାପତିଙ୍କୁ ସୁପାରିଶ କରିଥିଲେ।

ଧରିତ୍ରୀ
DHARITRI
ସମ୍ବଲପୁର, ରବିବାର, ୬ ଫେବୃୟାରୀ, ୨୦୨୨

## ନାବାଳିକା ଅପହରଣ, ଯୁବକ ଗିରଫ

**ଲୋଇସିଂହା,(ଡି.ଏନ.ଏ):** ବଲାଙ୍ଗୀର ଜିଲା ଲୋଇସିଂହା ଥାନା ତଥା ଆଗଲପୁର ବ୍ଲକରେ ଜଣେ ୧୪ ବର୍ଷିଆ ନାବାଳିକାଙ୍କୁ ଅପହରଣ ଅଭିଯୋଗରେ ଇଂସା ଗାଁର ରିତିକ ସାହୁ(୧୮)ଙ୍କୁ ଆଗଲପୁର ଫାଣ୍ଡି ପୋଲିସ ଗିରଫ କରି ଶନିବାର କୋର୍ଟଚଲାଣ କରିଛି। ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ବଲାଙ୍ଗୀର ଜେଲହାଜତକୁ ପଠାଇ ଦିଆଯାଇଥିବା ଏଏସଆଇ ଅନ୍ତର୍ଯ୍ୟାମୀ ବେହେରା କହିଛନ୍ତି। ଏନେଇ ଲୋଇସିଂହା ଥାନାରେ ଏକ ମାମଲା(ନଂ ୪୦/୨୨) ରୁଜୁ ହୋଇଛି। ନାବାଳିକାଙ୍କୁ ରିତିକ ଫେବୃୟାରୀ ୩ ତାରିଖରେ ଅପହରଣ କରି ନେଇଥିଲେ। ସେହିଦିନ ନାବାଳିକାଙ୍କ ବାପା ଆଗଲପୁର ଫାଣ୍ଡିରେ ଲିଖିତ ଅଭିଯୋଗ କରିଥିଲେ। ପୋଲିସ ଶୁକ୍ରବାର ନାବାଳିକାଙ୍କୁ ଉଦ୍ଧାର କରିବା ସହ ଯୁବକଙ୍କୁ ଗିରଫ କରିଛି।



## ସଂକ୍ଷେପରେ

### ବିଜେଡିରେ ଯୋଗଦେଲେ ଭାଜପା କର୍ମୀ

**ଟିଟିଲାଗଡ,୫।୨(ଡି.ଏନ.ଏ.):** ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନ ପାଇଁ ଗ୍ରାମାଞ୍ଚଳ ରାଜନୀତି ବେଶ ସରଗରମ ହୋଇ ଉଠି ଥିବାବେଳେ ବିଭିନ୍ନ ରାଜନୀତି ଦଳ ନେତା ଓ ସମର୍ଥକଙ୍କ ଦଳଡିଆଁ ଜୋର ଧରିଛି। ସିଲୁଆଁ ପଞ୍ଚାୟତର ଭାଜପାର ବହୁ କର୍ମୀ ଦଳ ଛାଡ଼ି ବିଜେଡିରେ ସାମିଲ ହୋଇଛନ୍ତି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ସ୍ୱଚ୍ଛ ଶାସନ ଓ ବିକାଶର ଧାରା ତଥା ସ୍ଥାନୀୟ ବିଧାୟିକା ଓ ମନ୍ତ୍ରୀ ଟୁକୁନି ସାହୁଙ୍କ କାର୍ଯ୍ୟଶୈଳୀରେ ପ୍ରଭାବିତ ହୋଇ ସେମାନେ ବିଜେଡିରେ ଯୋଗ ଦେଇଥିବା ପ୍ରକାଶ କରିଥିଲେ। ବିଜେଡି ରାଜ୍ୟ ପରିଷଦ ସଦସ୍ୟ ପ୍ରମୋଦ ପ୍ରଧାନ ନବାଗତଙ୍କୁ ଦଳୀୟ ଉତ୍ତରୀୟ ପ୍ରଦାନ କରିଥିଲେ। ସ୍ଥାନୀୟ ବିଜେଡି କାର୍ଯ୍ୟାଳୟରେ ଦଳରେ ଯୋଗ ଦେଇଥିବା ସମସ୍ତ ସଦସ୍ୟଙ୍କୁ ମନ୍ତ୍ରୀ ସାହୁ ସ୍ୱାଗତ କରିଥିଲେ।

### ନିର୍ମାଣାଧୀନ ଘରୁ ଚୋରି

**ଦେଓଗାଁ,୫।୨(ଡି.ଏନ.ଏ.):** ବଲାଙ୍ଗୀର ଜିଲା ଦେଓଗାଁ ଥାନା ଅନ୍ତର୍ଗତ ପର୍ଶୁପାଲି ଗ୍ରାମର ଜଣେ ବ୍ୟକ୍ତିଙ୍କ ନିର୍ମାଣାଧୀନ ଘରୁ ବିଭିନ୍ନ ଉପକରଣ ସାମଗ୍ରୀ ଚୋରି ହୋଇଥିବା ଅଭିଯୋଗ ହୋଇଛି। ଗ୍ରାମର ସୁଜିତ କୁମାର ପଧାନ କୁତୁର୍ଲା କଲେଜ ନିକଟରେ ନୂତନ ଘର ନିର୍ମାଣ ଆରମ୍ଭ କରିଛନ୍ତି। ଗତ ଶୁକ୍ରବାର ରାତିରେ ନିର୍ମାଣାଧୀନ ଘରେ ଥିବା ଅଢେଇ କୁଇଣ୍ଟାଲ ଲୁହାଛଡ, ୧୦ ପ୍ୟାକେଟ ସିମେଣ୍ଟ ଓ ୧୬ଟି ପ୍ଲାଏଉଡ ପଟ୍ଟା ଚୋରି କରି ନେଇଥିବା ଅଭିଯୋଗ ହୋଇଛି। ଏ ନେଇ ଥାନାରେ ଅଭିଯୋଗ ହେବା ପରେ ଏକ ମାମଲା ରୁଜୁ କରି ତଦନ୍ତ ଚାଲିଥିବା ଥାନାଧିକାରୀ ବାମଦେବ ଶଙ୍ଖୁଆଳ ସୂଚନା ଦେଇଛନ୍ତି।

### ପ୍ରଶାସନ, ଚାଇଲଡ ଲାଇନ ବନ୍ଦ କଲା ବାଲ୍ୟ ବିବାହ

**ଖପ୍ରାଖୋଲ,୫।୨(ଡି.ଏନ.ଏ.):** ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ ଲୁହାସିଂହା ପଞ୍ଚାୟତ ଅନ୍ତର୍ଗତ ଯୁରିଆ ଗାଁରେ ହେବାକୁ ଥିବା ଏକ ବାଲ୍ୟ ବିବାହକୁ ପ୍ରଶାସନ, ପୋଲିସ ଓ ଚାଇଲଡ ଲାଇନ ବନ୍ଦ କରିଛି। ଜଣେ ୧୮ ବର୍ଷରୁ କମ୍ ବୟସର ଝିଅକୁ ପରିବାର ଲୋକ ବିବାହ ଦେଉଥିବା ପ୍ରଶାସନକୁ ଖବର ମିଳିଥିଲା। ପରେ ଚାଇଲ୍ଡ ଲାଇନ ଓ ପୋଲିସ୍ ସହ ସିଡିପିଓ ପହଞ୍ଚି ପରିବାର ଲୋକଙ୍କୁ ବୁଝାସୁଝା କରି ବାଲ୍ୟ ବିବାହ ବନ୍ଦ କରିଥିଲେ। ଏହି ଅବସରରେ ସିଡିପିଓ ସୁଜାତା ଦୋରା, ପଙ୍କଜିନି ମିଶ୍ର, ଲରମ୍ବା ଥାନା ଅଧିକାରୀ ରାଜେନ୍ଦ୍ର ବେହେରା, ଚାଇଲ୍ଡ ଲାଇନର ରଶ୍ମିମୟ ନାଏକ, ଆକାଶ ମେହେର, ଧର୍ମେନ୍ଦ୍ର ପଧାନ, ଅଙ୍ଗନୱାଡି, ଆଶାକର୍ମୀ ଉପସ୍ଥିତ ଥିଲେ। ଏନେଇ ଜିଲା ଶିଶୁ ମଙ୍ଗଳ କମିଟିରେ ଅନଲାଇନ ଉପସ୍ଥାନ କରାଯାଇଥିବା ଚାଇଲ୍ଡ ଲାଇନ କଲ୍ୟାଣ ସମ୍ପାଦିକା ମୀନାକ୍ଷି ପୁରୋହିତ ପ୍ରକାଶ କରିଛନ୍ତି।

### ଯୋଗୀସର୍ଡାରେ ନରସିଂହଙ୍କ ନିର୍ବାଚନୀ ପ୍ରଚାର

**ଲୋଇସିଂହା,୫।୨(ଡି.ଏନ.ଏ):** ବଲାଙ୍ଗୀର ଜିଲା ଲୋଇସିଂହା ବ୍ଲକ ଯୋଗୀସର୍ଡା ଗ୍ରାମରେ ଦଳୀୟ ଜିଲା ପରିଷଦ ପ୍ରାର୍ଥୀଙ୍କ ପାଇଁ ବଲାଙ୍ଗୀର ବିଧାୟକ ନରସିଂହ ମିଶ୍ର ଶୁକ୍ରବାର ଏକ ନିର୍ବାଚନ ସଭା କରିଥିଲେ। ୩୩ ନଂ ଜୋନ ଜିଲା ପରିଷଦ ପ୍ରାର୍ଥୀଙ୍କ ପାଇଁ ୮ଟି ଗାଁରେ ନିର୍ବାଚନ ପ୍ରଚାର କରିଥିଲେ। କୁଶଙ୍ଗରୁ ଆରମ୍ଭ ହୋଇଥିବା ସଭା ଯୋଗୀସର୍ଡା ଗ୍ରାମରେ ଶେଷ ହୋଇଥିଲା। ଯୋଗୀସର୍ଡା ଜଗନ୍ନାଥ ମନ୍ଦିର ପ୍ରାଙ୍ଗଣରେ ଆୟୋଜିତ ସଭାରେ ଜିଲା କଂଗ୍ରେସ ସଭାପତି ଦିଲୀପ ବେହେରା ଅଧ୍ୟକ୍ଷତା କରିଥିଲେ। ସଭାର ମିଶ୍ର କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ବିଫଳତାକୁ ବଖାଣିଥିଲେ। ଏହି ସଭାରେ ମିଶ୍ର ଭିକ୍ଷୁକ ବ୍ରାହ୍ମଣ ଓ ବୁଢାବାଘ କାହାଣୀ ଉପସ୍ଥାନା କରିଥିଲେ, ଯାହା ଚର୍ଚ୍ଚାର ପ୍ରସଙ୍ଗ ହୋଇଥିଲା।

### ଚୋରି ଲୁହାରଡ ଉଦ୍ଧାର, ୨ ଗିରଫ

**ବଲାଙ୍ଗୀର ଅଫିସ, ୫।୨:** ବଲାଙ୍ଗୀର-ପାଟଣାଗଡ ରାସ୍ତାର ପଥରଚେପା ନିକଟରେ ଭାଜପା ଜିଲା ଅଫିସ ନିର୍ମାଣ କାର୍ଯ୍ୟ ଚାଲିଛି। ଏହି ଭାଜପା ଅଫିସ ପରିସରରୁ ୭ କୁଇଣ୍ଟାଲ ଲୁହାରଡ ଚୋରି ହୋଇଥିବା ସମ୍ପର୍କରେ ବରଗଡର ମହମ୍ମଦ ଇବ୍ରାହିମ୍ ଶୁକ୍ରବାର ଅଭିଯୋଗ କରିଥିଲେ। ଅଭିଯୋଗ ପାଇବା ପରେ ସଦର ଥାନାରେ ଏନେଇ ଏକ ମାମଲା (୬୬/୨୨) ରୁଜୁ କରି ପୋଲିସ ତଦନ୍ତ ଆରମ୍ଭ କରିଥିଲେ। ପୋଲିସ ତଦନ୍ତରୁ ପଥରଚେପାର ସାନ ନନ୍ଦ ଓ ରୁଦ୍ରମଣି ନନ୍ଦ ଉକ୍ତ ଲୁହାରଡ ଚୋରି କରିଥିବା ଜଣା ପଡିଥିଲା। ଉଭୟ ଅଭିଯୁକ୍ତଙ୍କୁ ପୋଲିସ ଶନିବାର ଗିରଫ କରି ସେମାନଙ୍କ ହେପାଜତରେ ଥିବା ୭ କୁଇଣ୍ଟାଲ ଚୋରି ଲୁହାରଡକୁ ପୋଲିସ ଉଦ୍ଧାର କରିଥିବା ଜଣାପଡିଛି। ଉଭୟ ଗିରଫ ଅଭିଯୁକ୍ତଙ୍କୁ କୋର୍ଟଚାଲାଣ କରାଯାଇଥିବା ସଦର ଏସଡିପିଓ ତୋଫାନ୍ ବାଗ ସୂଚନା ଦେଇଛନ୍ତି।

# ରେଳ ବଜେଟରେ କଳାହାଣ୍ଡି ଜିଲାକୁ ପୁଣି ଉପେକ୍ଷା

**ଭବାନୀପାଟଣା,୫।୨(ସ୍ୱ.ପ୍ର.)**

**ବଜେଟରେ ଜୁନାଗଡ଼-ଧର୍ମଗଡ଼ ରେଳ ଲାଇନ ସମ୍ପ୍ରସାରଣ ପ୍ରକଳ୍ପ ସ୍ଥାନ ନ ପାଇବା ନେଇ ଅସନ୍ତୋଷ**

ରେଳ ବଜେଟରେ କଳାହାଣ୍ଡି ଜିଲାକୁ ପୁଣି ଉପେକ୍ଷା କରାଯାଇଛି। ଜିଲାରେ କୌଣସି ନୂଆ ରେଳ ପ୍ରକଳ୍ପ ପାଇଁ ବଜେଟରେ ବ୍ୟୟବରାଦ ହୋଇନାହିଁ। ଜୁନାଗଡ଼-ଧର୍ମଗଡ଼ ରେଳ ଲାଇନ ସମ୍ପ୍ରସାରଣ ପ୍ରକଳ୍ପ ଚଳିତ ରେଳ ବଜେଟରେ ସ୍ଥାନ ନ ପାଇବାରୁ ଏହାକୁ ନେଇ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ଏପରି କି ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ କଳାହାଣ୍ଡିବାସୀଙ୍କୁ ଧୋକା ଦେଇଥିବା ଓ ଏମ୍‌ପି ବସନ୍ତ ପଣ୍ଡା ଜିଲାବାସୀଙ୍କୁ ଉପେକ୍ଷିତ କରିଥିବା ନେଇ ସାମାଜିକ ଗଣମାଧ୍ୟମରେ ଚର୍ଚ୍ଚା ଜୋର ଧରିଛି। ପ୍ରକାଶ ଯେ,ଗତ ଅଗଷ୍ଟ ମାସ ୨୧ ତାରିଖରେ ଦୁଇଦିନିଆ କଳାହାଣ୍ଡି ଗସ୍ତରେ ଆସିଥିଲେ କେନ୍ଦ୍ର ରେଳମନ୍ତ୍ରୀ। ସେ ଜିଲାର ବିଭିନ୍ନ ସ୍ଥାନ ପରିଦର୍ଶନ କରିବା ସମୟରେ ଜିଲାବାସୀ ଜୁନାଗଡ଼ଠାରୁ ଧର୍ମଗଡ଼ ଯାଏ ରେଳ ଲାଇନ ସମ୍ପ୍ରସାରଣ ନେଇ ଦାବି କରିଥିଲେ। କେନ୍ଦ୍ରମନ୍ତ୍ରୀ ମଧ୍ୟ ଏହି ରେଳଲାଇନ ସମ୍ପ୍ରସାରଣ ପ୍ରକଳ୍ପ ପାଇଁ ପ୍ରତିଶ୍ରୁତି ଦେଇଥିଲେ। ଏହାପରେ ଖବରଦାତା ସମ୍ମିଳନୀ ଜରିଆରେ ଏହି କାର୍ଯ୍ୟ ଖୁବଶୀଘ୍ର ହେବ ବୋଲି ସୂଚନା ଦେଇଥିଲେ ଏମ୍‌ପି ବସନ୍ତ ପଣ୍ଡା। ହେଲେ ଚଳିତ ବଜେଟରେ ଏହି ପ୍ରକଳ୍ପ ପାଇଁ ବ୍ୟୟବରାଦ ହୋଇ ନ ଥିବା ଯୋଗୁ ଜିଲାରେ ଅସନ୍ତୋଷ ପ୍ରକାଶ ପାଇଛି। ସେପଟେ କଳାହାଣ୍ଡିକୁ ଉପେକ୍ଷା କରାଯାଇଥିବା ଘଟଣାରେ ପ୍ରତିକ୍ରିୟା ରଖିଛନ୍ତି ଏମ୍‌ପି ପଣ୍ଡା। ଧର୍ମଗଡ଼ ରେଳ ଲାଇନ ସମ୍ପ୍ରସାରଣ ପାଇଁ ୨ କୋଟି ୯୫ ଲକ୍ଷ ଟଙ୍କା ମଞ୍ଜୁର ହୋଇଛି। ସର୍ଭେ କାମ ସରିବା ପରେ ଏହା ବଜେଟରେ ଆସିବ ବୋଲି ସେ ପ୍ରକାଶ କରିଛନ୍ତି।



ବଲାଙ୍ଗୀର ଯାଦବ ଭବନ ଠାରେ ଅନୁଷ୍ଠିତ ଶୋକସଭା।

# ବଲାଙ୍ଗୀରରେ ସୁମନ୍ତ, ରୋହିତଙ୍କୁ ଶ୍ରଦ୍ଧାଞ୍ଜଳି

**ବଲାଙ୍ଗୀର ଅଫିସ, ୫।୨**

ବଲାଙ୍ଗୀରର ବିଶିଷ୍ଟ କ୍ରୀଡ଼ା ସଙ୍ଗଠକ ସୁମନ୍ତ ଭୋଇଙ୍କ ବିୟୋଗ ଏବଂ କଳାହାଣ୍ଡି ଜିଲାରେ କାର୍ଯ୍ୟରତ ସାମ୍ବାଦିକ ରୋହିତ୍ ବିଶ୍ୱାଳଙ୍କ ଦୁଃଖଦ ମୃତ୍ୟୁରେ ସ୍ଥାନୀୟ ଯାଦବ ଭବନ ଠାରେ ଶ୍ରଦ୍ଧାଞ୍ଜଳି ଜଣାଯାଇଥିଲା। ସ୍ଥାନୀୟ ଯାଦବ ଭବନ ପରିସରରେ ଯୁବ ସଙ୍ଗଠକ ପ୍ରଶାନ୍ତ ମହାକୁରଙ୍କ ଆବାହକତ୍ୱରେ ତଥା ବିଭୁ କଲ୍ୟାଣ ଗଡ଼ତ୍ୟାଙ୍କ ସଂଯୋଜନାରେ ଅନୁଷ୍ଠିତ ଶ୍ରଦ୍ଧାଞ୍ଜଳି ସଭାରେ ଘରୋଇ ବସ୍ ମାଲିକ ସଂଘ ସଭାପତି ହେମନ୍ତ ପଣ୍ଡା, ମନୋରଞ୍ଜନ ପୁରୋହିତ, ପ୍ରଭାସ ପାଣିଗ୍ରାହୀ, ପ୍ରଭାକର ମିଶ୍ର, ବୀରେନ୍ଦ୍ର କୁମାର ଝାଙ୍କର, ବିଧୁଭୂଷଣ ତ୍ରିପାଠୀ, ନାଗରିକ କମିଟି ସାଧାରଣ ସମ୍ପାଦକ ମନରଞ୍ଜନ ସାହୁ, ରାମ ନାରାୟଣ ଦାଶ, ଅମିତ ନାୟକ, ବିକାଶ ସା, ସଞ୍ଜୀବ ସାହୁ, ଅଙ୍କୁଶ ପାଣ୍ଡିଆ ସ୍ମୃତିଚାରଣ କରିଥିଲେ। ପ୍ରଥମେ ଦୁଇ ଦିବଙ୍ଗତ ଆତ୍ମାଙ୍କ ସଦ୍‌ଗତି ପାଇଁ ଦୁଇ ମିନିଟ୍ ନୀରବ ପ୍ରାର୍ଥନା କରାଯାଇଥିଲା। ସ୍ୱର୍ଗତ ଭୋଇଙ୍କ କ୍ରୀଡାକ୍ଷେତ୍ର ଏବଂ ବଲାଙ୍ଗୀରରେ ନୂଆ ବସଷ୍ଟାଣ୍ଡ ନିର୍ମାଣ ଦିଗରେ ଅବଦାନ ସମ୍ପର୍କରେ ବକ୍ତାମାନେ କହିଥିଲେ। ଦାବି ସମ୍ପର୍କରେ ଅନେକ କିଛି ତଥ୍ୟ ଓ କଥ୍ୟ ମତପ୍ରକାଶ ପାଇଥିଲା।

କଳାହାଣ୍ଡି ଜିଲା ମୋହନଗିରିର ଧରିତ୍ରୀ ପ୍ରତିନିଧି ରୋହିତ ବିଶ୍ୱାଳ (୪୮) ମାଓବାଦୀ ପୋଷ୍ଟର ସମ୍ପର୍କିତ ଖବର ସଂଗ୍ରହ ପାଇଁ ଯାଇଥିବା ବେଳେ ମୋହନଗିରି-ମଦନପୁର ରାମପୁର ରାସ୍ତାରେ ମାଓବାଦୀଙ୍କ ଲ୍ୟାଣ୍ଡମାଇନ ବିସ୍ଫୋରଣରେ ମୃତ୍ୟୁ ଘଟଣାକୁ ନେଇ ଗଭୀର ଶୋକ ପ୍ରକାଶ ପାଇଥିଲା। ସ୍ୱର୍ଗତ ବିଶ୍ୱାଳଙ୍କ ଉଦ୍ଦେଶ୍ୟରେ ସଭାରେ ନୀରବ ପ୍ରାର୍ଥନା କରାଯାଇଥିଲା। ସଭାରେ ସହରର ବହୁ ବୁଦ୍ଧିଜୀବୀ ଯୋଗଦାନ କରିଥିଲେ।

## ବ୍ଲକସ୍ତରୀୟ ଡ୍ରାଇଭର ସଂଘର କର୍ମକର୍ତ୍ତା ଚୟନ

**କୋକସରା,୫।୨(ଡି.ଏନ.ଏ.)**

କଳାହାଣ୍ଡି ଜିଲା କୋକସରା ବ୍ଲକ ସଦର ମହକୁମା ବଜାର ପଡିଆଠାରେ କୋକସରା ବ୍ଲକସ୍ତରୀୟ ଡ୍ରାଇଭର ସଂଘର ବୈଠକ ଅନୁଷ୍ଠିତ ହୋଇଛି। ଏଥିରେ ବୃନ୍ଦାବନ ଦୁର୍ଗା ସଭାପତିତ୍ୱ କରିଥିଲେ। ବୈଠକରେ ବ୍ଲକର ବିଭିନ୍ନ ପଞ୍ଚାୟତରୁ ସଂଘର କର୍ମକର୍ତ୍ତାମାନେ ଯୋଗ ଦେଇଥିଲେ। ଏହି ଅବସରରେ ବ୍ଲକସ୍ତରୀୟ ଡ୍ରାଇଭର ସଂଘର କର୍ମକର୍ତ୍ତା ଚୟନ କରାଯାଇଥିଲା। ଏଥିରେ ସଭାପତି ଭାବେ ଚଇ ଗୋପାଳ ମନୋନୀତ ହୋଇଥିଲେ। ସଂପାଦକ ଭାବରେ ସତ୍ୟ ନାରାୟଣ କାଣ୍ଡ, ଉପ ସଭାପତି ଲୁଲୁ ପ୍ରସାଦ ଯାଦବ, ସହ ସଂପାଦକ ଶ୍ରୀବତ୍ସ ଗୋପାଳ ଓ କୋଷାଧ୍ୟକ୍ଷ ଭାବରେ ଭବାନୀ ଶଙ୍କର ପୁରୋହିତ ମନୋନୀତ ହୋଇଥିଲେ। ବୈଠକକୁ କାହ୍ନା ବାଗ ପରିଚାଳନା କରିଥିଲେ। କାଳିଆ ବାଗ, ହରି ରଣା, ଉପେନ୍ଦ୍ର ପାଳି, ପ୍ରକାଶ ପୂଝାରୀ, ଭୂପେନ୍ଦ୍ର ସୁନାନୀ, ରତ୍ନାକର କେତକୀ, ଦେବେନ୍ଦ୍ର ସାଗରଙ୍କ ସମେତ ପଞ୍ଚାୟତସ୍ତରୀୟ ସଂଘର କର୍ମକର୍ତ୍ତାମାନେ ଉପସ୍ଥିତ ରହିଥିଲେ।

## ଭାଜପାର ନିର୍ବାଚନୀ ସଭା

**ଲୋଇସିଂହା,୫।୨(ଡି.ଏନ.ଏ)**

ବଲାଙ୍ଗୀର ଜିଲା ଲୋଇସିଂହା ବ୍ଲକ ୩୩ନଂ ଜୋନର ହୀରାପୁର, ଲୋଇସିଂହା, କୁଟେନପାଲି, କନ୍ଦାଜୁରୀ ଏବଂ ଯୋଗୀସର୍ଡା ଗ୍ରାମରେ ଭାଜପାର ନିର୍ବାଚନୀ ପ୍ରଚାର ଶନିବାର ଅନୁଷ୍ଠିତ ହୋଇଯାଇଛି। ସ୍ଥାନୀୟ ଜିଲା ପରିଷଦ ପ୍ରାର୍ଥୀ ଲକ୍ଷ୍ମୀପ୍ରିୟା ମିଶ୍ରଙ୍କ ପାଇଁ ପୂର୍ବତନ ମନ୍ତ୍ରୀ କନକ ବର୍ଦ୍ଧନ ସିଂଦେଓ, ଲୋଇସିଂହା ବିଧାୟକ ମୁକେଶ ମହାଲିଙ୍ଗ ପ୍ରମୁଖ ଭୋଟ ଭିକ୍ଷା କରିଥିଲେ। ଏହି ଅବସରରେ ବିଧାୟକ ଶ୍ରୀ ମହାଲିଙ୍ଗ ତାଙ୍କ ବିଧାୟକ ସମୟରେ ହୋଇଥିବା ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟ ଏବଂ କେନ୍ଦ୍ର ସରକାରଙ୍କ ବିଭିନ୍ନ ଲୋକାଭିମୁଖୀ ଯୋଜନା ସମ୍ପର୍କରେ କହିଥିଲେ। ପୂର୍ବତନ ମନ୍ତ୍ରୀ ସିଂଦେଓ କେନ୍ଦ୍ରର ସରକାରଙ୍କ ବିକାଶମୁଖୀ ଯୋଜନାକୁ ନା ବଦଳାଇ ରାଜ୍ୟ ସରକାର ଲୋକଙ୍କୁ ଭୁଆଁ ବୁଲାଉଛନ୍ତି ବୋଲି କହିଥିଲେ। ରାଜ୍ୟ ସରକାର ଅମଳରେ ନାରୀ ଅସୁରକ୍ଷିତ ବୋଲି କହିଥିଲେ। କେନ୍ଦ୍ର ସରକାରଙ୍କ ବିକାଶ ଧାରକୁ ଆଗେଇବା ପାଇଁ ଭାଜପା ପ୍ରାର୍ଥୀଙ୍କୁ ଭୋଟ ଦେବାକୁ ନିବେଦନ କରିଥିଲେ। ସଭାକୁ ଭୁତନାଥ ନାଏକ ସଂଯୋଜନ କରିଥିଲେ।

# ‘ପାଣି ନାହିଁ ତ ଭୋଟ ନାହିଁ’



ଗ୍ରାମବାସୀ ପ୍ଲାକାର୍ଡ ଦେଖାଇ ବିରୋଧ ପ୍ରଦର୍ଶନ କରୁଛନ୍ତି।

**ପାଟଣାଗଡ, ୫।୨(ଡି.ଏନ.ଏ.)**

**ଖୁରିପାଣିବାସୀଙ୍କ ଭୋଟ ବର୍ଜନ ନିଷ୍ପତ୍ତି**

ବଲାଙ୍ଗୀର ଜିଲା ପାଟଣାଗଡ ବ୍ଲକ ଲରମ୍ବା ପଞ୍ଚାୟତ ଅନ୍ତର୍ଗତ ଖୁରିପାଣି ଗ୍ରାମବାସୀ ପାଣି ପାଇଁ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ବାରମ୍ବାର ଜଣାଇଲା ପରେ ବି ପ୍ରଶାସନ ଏଥିପ୍ରତି କର୍ଣ୍ଣପାତ କରୁନାହାନ୍ତି। ଏହାର ପ୍ରତିବାଦ କରି ଚଳିତ ପଞ୍ଚାୟତ ନିର୍ବାଚନ ବର୍ଜନ କରିବାକୁ ନିଷ୍ପତ୍ତି ନେଇଛନ୍ତି ଖୁରିପାଣି ଗ୍ରାମବାସୀ। ପିଇବା ପାଣି ନାହିଁ ତ ଭୋଟ ନାହିଁ ନାରା ଦେଇ ଗ୍ରାମବାସୀ ଶନିବାର ପଞ୍ଚାୟତ ଅଫିସର ଅନତି ଦୂରରେ ପ୍ଲାକାର୍ଡ ଧରି ବିରୋଧ ପ୍ରଦର୍ଶନ କରିଥିଲେ। ସେମାନେ ଅଭିଯୋଗ କରିଥିଲେ ଯେ, ଲରମ୍ବା ପଞ୍ଚାୟତର ୭ଟି ଗାଁ ମଧ୍ୟରୁ ଖୁରିପାଣି ଅନ୍ୟତମ। ଗାଁରେ ରହିଛନ୍ତି ୭୩ ପରିବାରର ୧୧୩ ପୁରୁଷ ଏବଂ ୧୦୦ ମହିଳା ଭୋଟର। ଗାଁରେ ଥିବା ୪ଟି ନଳକୂପର ପାଣି ବ୍ୟବହାର ଉପଯୋଗୀ ନୁହେଁ। ଫ୍ଲୋରାଇଡଯୁକ୍ତ ପାଣିକୁ ପାନୀୟ ଜଳଭାବେ ବ୍ୟବହାର କରି ଗାଁର ବହୁ ଲୋକ କିଡ୍‌ନୀ ରୋଗରେ ଆକ୍ରାନ୍ତ ହୋଇ ମୃତ୍ୟୁମୁଖରେ ପଡିଛନ୍ତି। ଏବେ ବି ଅନେକ ଆକ୍ରାନ୍ତ ଚିକିତ୍ସିତ ହେଉଛନ୍ତି। ନିର୍ବାଚିତ ଜନପ୍ରତିନିଧି ଓ ପ୍ରଶାସନିକ ଅଧିକାରୀଙ୍କ ଦୃଷ୍ଟି ଆକର୍ଷଣ କଲେ ମଧ୍ୟ କୌଣସି ସୁଫଳ ମିଳିଲା ନାହିଁ। ଅନ୍ୟନୋପାୟ ହୋଇ ସେମାନେ ଆଜି ପ୍ରତିବାଦକୁ ଓହ୍ଲାଇଥିବା କହିଛନ୍ତି।

## ଜିଲା ପରିଷଦ ପ୍ରାର୍ଥିନୀ ପାଇଁ ଭୋଟ ମାଗିଲେ ବିଧାୟକ



ଦଳୀୟ ପ୍ରାର୍ଥୀଙ୍କ ପାଇଁ ବିଧାୟକ ନରସିଂହ ମିଶ୍ର ଭୋଟଭିକ୍ଷା କରୁଛନ୍ତି।

**ଦେଓଗାଁ,୫।୨(ଡି.ଏନ.ଏ.)**

ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକ ଅନ୍ତର୍ଗତ ୧୨ ନଂ ଜୋନର କଂଗ୍ରେସ ଜିଲା ପରିଷଦ ପ୍ରାର୍ଥୀନୀ କବିତା ଭୋଇଙ୍କ ପାଇଁ ଶନିବାର ବିଧାୟକ ନରସିଂହ ମିଶ୍ର ପ୍ରଚାରକୁ ଓହ୍ଲାଇଛନ୍ତି। ଜୋନର ହାତୀସରା, ନାଇକେନଶିରା, ସାରସବାହାଲ, କୁତୁର୍ଲା, ମୁରସିଂହ, ସିକୁଆଁ ଗ୍ରାମକୁ ଯାଇ ଲୋକଙ୍କୁ ଦଳୀୟ ପ୍ରାର୍ଥୀଙ୍କ ପାଇଁ ଭୋଟ ଭିକ୍ଷା କରିଥିଲେ। ଏହି ସମୟରେ ଲୋକେ ସେମାନଙ୍କ ଗାଁର ବିଭିନ୍ନ ସମସ୍ୟା ସମ୍ପର୍କରେ ବିଧାୟକଙ୍କୁ ଜଣାଇ ଥିଲେ। ଏପରିକି ମୁରସିଂହ ଗ୍ରାମକୁ ଏକ ସ୍ୱତନ୍ତ୍ର ପଞ୍ଚାୟତ କରିବାପାଇଁ ବିଧାୟକଙ୍କ ନିକଟରେ ଦାବି କରିଥିଲେ। ଗସ୍ତ ସମୟରେ ବ୍ଲକ କଂଗ୍ରେସ ସଭାପତି ରାମଜୀ ଚୌଧୁରୀ, କଂଗ୍ରେସ ନେତା ବଳରାମ ନାଏକ, ପ୍ରଦ୍ୟୁମ୍ନ ସାହୁ, ସୁରୁ ମଟାରୀ, ଡୋଳାମଣି ବାଗ, ଇସମାଇଲ ସୁନା ପ୍ରମୁଖ ଉପସ୍ଥିତ ଥିଲେ।

# ଖପ୍ରାଖୋଲ ବ୍ଲକ: କେନ୍ଦୁପତ୍ର ଗୋଛାକଟା ଆରମ୍ଭ

**ଖପ୍ରାଖୋଲ, ୫।୨(ଡି.ଏନ.ଏ )**



ଗୋଛାକଟା ପାଇଁ ପୂଜାର୍ଚ୍ଚନା କରାଯାଉଛି।

ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକର ଖପ୍ରାଖୋଲ ଏବଂ ଧଣ୍ଡାମୁଣ୍ଡା ରେଞ୍ଜରେ ପୂଜା ପାଠ ସହ ଶନିବାର ଗୋଛାକଟାର ଶୁଭାରମ୍ଭ କରାଯାଇଛି। ଖପ୍ରାଖୋଲ ରେଞ୍ଜ ତରଫରୁ ସ୍ଥାନୀୟ ଜଙ୍ଗଲରେ କେନ୍ଦୁପତ୍ର ବିଭାଗ ରେଞ୍ଜର ସୁରେଶ ଚନ୍ଦ୍ର ତାଣ୍ଡି ନିଜ କର୍ମଚାରୀଙ୍କ ସହ ପୂଜା ପାଠ କରି ନଡିଆ ଭାଙ୍ଗି ଗୋଛା କଟା ଆରମ୍ଭ କରିଥିଲେ। ଏହି ଅବସରରେ ଫରେଷ୍ଟର ଅରବିନ୍ଦ ପଣ୍ଡା, ପ୍ରଦୀପ ଭୋଇ, ହେଡଚେକର ଲଛମନ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ। ସେହିପରି ଧଣ୍ଡାମୁଣ୍ଡା ରେଞ୍ଜ ତରଫରୁ ପାଟିମାଲ ବାରପଟା ଜଙ୍ଗଲ ପାଖରେ କେନ୍ଦୁପତ୍ର ଗୋଛାକଟାର ଶୁଭାରମ୍ଭ କରାଯାଇଥିଲା। ଏହି ଅବସରରେ ରେଞ୍ଜ ଅଧିକାରୀ ଉପେନ୍ଦ୍ର ଧରୁଆ, ଫରେଷ୍ଟର ସୁନୀଲ ସିଂ, ହେଡଚେକର ଦ୍ରୋଣ ବନଛୋର, ନାରାୟଣ ନାଏକ, ଯଦୁ ପୁଟେଲ, ସୁରେଶ କଠାର, ରବିନ୍ଦ୍ର ପୋଢ, ଭୋଜରାଜ ବରିହା ପ୍ରମୁଖ ଉପସ୍ଥିତ ଥିଲେ।

## ବଲାଙ୍ଗୀର ବ୍ଲକରେ କଳିକେଶଙ୍କ ନିର୍ବାଚନୀ ପ୍ରଚାର



ବଲାଙ୍ଗୀର ସଦର ବ୍ଲକ୍ ଅଞ୍ଚଳରେ ପୂର୍ବତନ ଏମ୍‌ପି କଳିକେଶ ନାରାୟଣ ସିଂଦେଓ ପ୍ରଚାର କରୁଛନ୍ତି।

**ବଲାଙ୍ଗୀର ଅଫିସ, ୫।୨**

ବଲାଙ୍ଗୀର ସଦର ବ୍ଲକ ଅନ୍ତର୍ଗତ ଜିଲା ପରିଷଦ ଜୋନ୍ ୨୨ ଓ ୨୩ରେ ପୂର୍ବତନ ଏମ୍‌ପି କଳିକେଶ ନାରାୟଣ ସିଂଦେଓ ଦଳୀୟ ପ୍ରାର୍ଥୀଙ୍କ ପାଇଁ ନିର୍ବାଚନ ପ୍ରଚାର କରିଛନ୍ତି। ମାୟାବର୍ହା, ଭୁଣ୍ଡିମୁହାଣ, ଝାଙ୍କରପାଲି, ଧୁମାମରା, ବୈଦିପାଲି, ଚାଣ୍ଟିମୁଣ୍ଡା ପ୍ରଭୃତି ଗାଁକୁ ଯାଇ ବିଜେଡି ପ୍ରାର୍ଥୀ ସଙ୍ଗୀତା ସୁନା ଓ ଅନାମିକା ହୋତାଙ୍କୁ ଭୋଟ ଦେଇ ଜୟଯୁକ୍ତ କରିବାକୁ ଅନୁରୋଧ କରିଥିଲେ। ନବୀନ ପଟ୍ଟନାୟକଙ୍କ ସ୍ୱଚ୍ଛ ଶାସନ ଓ ଜନକଲ୍ୟାଣକାରୀ ଯୋଜନା ସମ୍ପର୍କରେ ସେ ଲୋକଙ୍କୁ କହିଥିଲେ। ବଲାଙ୍ଗୀର ଜିଲାରେ ବିଜେଡି ଜିଲା ପରିଷଦ ଗଠନ କଲେ ଜିଲାରେ ଆହୁରି ବିକାଶ ହେବ ବୋଲି କହିଥିଲେ।

# କୋମନା ୩ ଜୋନରେ ତ୍ରିମୁଖୀ ଲଢ଼େଇ

**ନୂଆପଡା ଅଫିସ,୫।୨**

ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନ ଯେତେ ପାଖେଇ ଆସୁଛି ରାଜନୈତିକ ଉଷ୍ମତା ସେତେ ସରଗରମ ହେବାରେ ଲାଗିଛି। ନୂଆପଡା ଜିଲାରେ ୧୪ଟି ଜିଲା ପରିଷଦ ଜୋନ ରହିଥିବାବେଳେ ୫୧ ଜଣ ପ୍ରାର୍ଥୀ ପ୍ରତିଦ୍ୱନ୍ଦିତା କରୁଛନ୍ତି। ୪,୩୪,୭୩୨ ଜଣ ଭୋଟର ରହିଛନ୍ତି। ୪ ଲକ୍ଷ ୩୪ ହଜାର ୭୩୨ ଜଣ ଭୋଟର ୫୧ ଜଣଙ୍କ ଭାଗ୍ୟ ପରୀକ୍ଷା କରିବେ। କୋମନା ବ୍ଲକର ୩ଟି ଜୋନରେ ତ୍ରିମୁଖୀ ଲଢେଇର ପ୍ରଚାର ଜୋର ଧରିଛି। ୧ ନ.° ଜୋନରେ ବିଜେଡିରୁ ମୁରଲିଧର ଭୋଇ, ଭାଜପାରୁ ଜ୍ଞାନେଶ୍ୱର ମାଝି ଓ କଂଗ୍ରେସରୁ ସୁନ୍ଦର ଚିନ୍ଦା ପ୍ରତିଦ୍ୱନ୍ଦିତା କରୁଛନ୍ତି। ଭାଜପା, ବିଜେଡି ଓ କଂଗ୍ରେସ ଆସନ ହାତେଇବା ପାଇଁ ଘର ଘର ବୁଲି ପ୍ରଚାର କରି ଭୋଟରଙ୍କ ମନମୋହୁଛନ୍ତି। ୨ ନଂ ଜୋନରେ ଦୁଇଟି ନୂଆଁ ଚେହେରା ଥିବାବେଳେ ଜଣେ ପୁରୁଣା ଚେହେରା ରହିଛନ୍ତି। ଦୁଇଟି ନୂଆଁ ଚେହେରା ହେଲେ ମଧ୍ୟ କାଟେକା ଟକ୍କର ରହିଛି। ବିଜେଡିରୁ ଅବନୀରଞ୍ଜନ ଯୋଶୀ, ଭାଜପାରୁ ସୋନାଲି ପାଣିଗ୍ରାହୀ ଓ କଂଗ୍ରେସରୁ ମହମ୍ମଦ ଇସାଦ ପ୍ରତିଦ୍ୱନ୍ଦିତା କରୁଛନ୍ତି। ଅବନୀରଞ୍ଜନ ପାଇଁ ଖୋଦ ବିଧାୟକ ରାଜେନ୍ଦ୍ର ଢୋଲକିଆ ମଙ୍ଗ ଧରିଥିବା ବେଳେ ଭାଜପା ସୋନାଲି ପାଣିଗ୍ରାହୀ ପାଇଁ ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ପ୍ରସନ୍ନ ପାଢୀ ମଙ୍ଗ ଧରିଛନ୍ତି। କଂଗ୍ରେସ ହାତ ଯୋଡି ବୈତରଣି ପାର ହେବା ପାଇଁ ଉଦ୍ୟମ ଚଲାଇଛନ୍ତି। କାହା ମୁଣ୍ଡରେ ହାତି ସୁନା କଳସ ଢାଳିବ ଦେଖିବାକୁ ରହିଲା। ୩ ନଂ ଜୋନରେ ବିଜେଡିରୁ ଦୀପିକା କୌଶଲ୍ୟା, ଭାଜପାରୁ ଗିତାଞ୍ଜଳି ଦୁରିଆ ଓ କଂଗ୍ରେସରୁ ବବିତା ବାଗ ପ୍ରତିଦ୍ୱନ୍ଦିତା କରୁଥିବା ବେଳେ ୩ ଜଣ ନୂଆଁ ଚେହେରା ରହିଛନ୍ତି। କୋମନା ବ୍ଲକର ୩ ଟି ଜୋନରେ କ୍ରମାଗତ ବିଜେଡି ହାତରେ ସବୁ ଆସନ ରହିଥିବା ବେଳେ ଭାଜପା ଓ କଂଗ୍ରେସ ଆସନ ହାତେଇବା ପାଇଁ ଅଙ୍କକଷା ଚାଲିଛି।

# ଗୋକୁଳନଗର, ଗାନ୍ଧୀନଗର ବିଜୟୀ

**ଖଡିଆଳ,୫।୨(ଡି.ଏନ.ଏ.)**



ବୀର ବିଛନାପାଲି କ୍ରିକେଟ ଲିଗର ଉଦ୍‌ଘାଟନୀ ମୂହୁର୍ତ୍ତ।

**ବୀର ବିଛନାପାଲି କ୍ରିକେଟ ଲିଗ ଉଦଘାଟିତ**

ନୂଆପଡ଼ା ଜିଲା ଖଡିଆଳ ବ୍ଲକ ମା’ ଢୁକରିବୁଡି କ୍ରିକେଟ ଓ ଫୁଟବଲ ଆସୋସିଏଶନ ପକ୍ଷରୁ ଆୟୋଜିତ ବୀର ବିଛନାପାଲି କ୍ରିକେଟ ଲିଗ ଶନିବାର ଉଦ୍‌ଘାଟିତ ହୋଇଯାଇଛି। ଏହାକୁ ନେହେନା ସରପଞ୍ଚ ଅବନିଶ ସିଂ ନିନା ମୁଖ୍ୟ ଅତିଥି ଭାବେ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ଉଦ୍‌ଘାଟନୀ ଦିବସରେ ଦୁଇଟି ମ୍ୟାଚ ହୋଇଥିଲା। ପ୍ରଥମ ମ୍ୟାଚରେ ଖଡିଆଳର ଗୋକୁଳନଗର ଏବଂ ଦ୍ୱିତୀୟ ମ୍ୟାଚରେ ଗାନ୍ଧୀନଗର ଖଡିଆଳ ବିଜୟୀ ହୋଇଥିଲା। ପ୍ରଥମ ମ୍ୟାଚ ଗୋକୁଳନଗର ଏବଂ ଚିଚେର ମଧ୍ୟରେ ହୋଇଥିଲା। ଗୋକୁଳନଗର ଟସ୍ ଜିଣି ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୧୨ ଓଭରରେ ୬ ଉଇକେଟ ହରାଇ ୯୩ ରନ ସଂଗ୍ରହ କରିଥିଲା। ଏହାର ଜବାବରେ ଚିଚେର ଦଳ ପଡିଆକୁ ଓହ୍ଲାଇ ୩୫ ରନ୍‌ରେ ସମସ୍ତ ଉଇକେଟ ହରାଇଥିଲା। ଫଳରେ ଗୋକୁଳନଗର ୫୮ ରନ୍‌ରେ ବିଜୟୀ ହୋଇଥିଲା। ସେହିପରି ଦ୍ୱିତୀୟ ମ୍ୟାଚ ଗାନ୍ଧିନଗର ଏବଂ ଡକଂସର ମଧ୍ୟରେ ହୋଇଥିଲା। ଡକଂସର ଦଳ ଟସ ଜିଣି ପ୍ରଥମେ ବ୍ୟାଟିଂ କରି ୧୨ ଓଭର ରେ ସମସ୍ତ ଉଇକେଟ ହରାଇ ୯୬ ରନ ସଂଗ୍ରହ କରିଥିଲା। ଏହାର ଜବାବରେ ଗାନ୍ଧିନଗର ଦଳ ପଡିଆକୁ ଓହ୍ଲାଇ ୯.୪ ଓଭର ରେ ୩ ଉଇକେଟ ହରାଇ ୯୭ ରନ ସଂଗ୍ରହ କରି ୭ ଉଇକେଟରେ ବିଜୟୀ ହୋଇଥିଲା। ବସନ୍ତ ଶବର ଏବଂ ରଥ ଶବର ଅମ୍ପାୟର ଭାବେ ଖେଳ ପରିଚାଳନା କରିଥିଲେ। ଉଦଘାଟନୀ ସମାରୋହରେ ଅନ୍ୟମାନଙ୍କ ମଧ୍ୟରେ ଆସୋସିଏସନର ସଭାପତି ମନୋଜ ସୁନାନୀ , ସମ୍ପାଦକ ଧନଞ୍ଜୟ ମଲ୍ଲିକ, ପିତବାସ ଦଣ୍ଡସେନା, କାର୍ତ୍ତିକେଶର ମଲ୍ଲିକ, ସୁବାଷ ବଘେଲ ଏବଂ ତୁଲସୀ ରାମ ମଲ୍ଲିକ ପ୍ରମୁଖ ଉପସ୍ଥିତ ଥିଲେ।

## ଜଙ୍ଗଲ ନିଆଁ ନିରାକରଣ ସଚେତନତା ଶିବିର

ପଦ୍ମପୁର,(ଡି.ଏନ.ଏ): ବରଗଡ଼ ଜିଲା ପଦ୍ମପୁର ଉପଖଣ୍ଡ ଝାଞ୍ଜ ପାହାଡ ପାଦଦେଶରେ ଥିବା ଗୁଣ୍ଡିଚାଡିହି, ଚର୍ଦ୍ଧାପାଲି, ମାଳିଡିହି, ଗସ୍ତିଡିହି ଗ୍ରାମରେ ବନ ସୁରକ୍ଷା ସମିତି ଓ ଗ୍ରାମବାସୀଙ୍କୁ ନେଇ ଶନିବାର ଜଙ୍ଗଲ ନିଆଁ ନିରାକରଣ ସଚେତନତା ଶିବିର ଅନୁଷ୍ଠିତ ହୋଇଛି। ଶିବିରରେ ଫରେଷ୍ଟର ପୂର୍ଣ୍ଣଚନ୍ଦ୍ର ଦୋରା, ଫରେଷ୍ଟ ଗାର୍ଡ ଗଜାଧର ଭୋଏ, ଆମ ଜଙ୍ଗଲ ଯୋଜନାର ରୁକ୍ମଣ ଚୌହାନ, ବଳରାମ ସାହୁ ଯୋଗଦାନ କରି ଜଙ୍ଗଲକୁ ନିଆଁ ଦାଉରୁ ରକ୍ଷା କରିବାକୁ ବିଭିନ୍ନ ପରାମର୍ଶ ଦେଇଥିଲେ। ଆରମ୍ଭରୁ ନିଆଁକୁ ଆୟତ୍ତ କରିବା ପାଇଁ ଚେଷ୍ଟା କରିବା ଏବଂ ଆବଶ୍ୟକ ସ୍ଥଳେ ବନ ବିଭାଗ ନଜରକୁ ଆଣିବା ପାଇଁ ଫରେଷ୍ଟର ଦୋରା କହିଥିଲେ।

## ସଂକ୍ଷେପରେ

### ବିଜେଡିରେ ଯୋଗଦେଲେ କିଶୋର ହୋତା

ଅମରପାଲି,୫।୨(ଡି.ଏନ.ଏ): ଭାରତୀୟ ଜନତା ପାର୍ଟି ଛାଡିବା ଏକ ସପ୍ତାହ ନପୂରୁଣୁ ବରିଷ୍ଠ ନେତା କିଶୋର ହୋତା ଶନିବାର ବିଜୁ ଜନତା ଦଳରେ ସାମିଲ ହୋଇଛନ୍ତି। ସେ ଶନିବାର ରାଜ୍ୟ ବିଜେଡି କାର୍ଯ୍ୟାଳୟରେ ରାଜ୍ୟ ପରିବହନ ବାଣିଜ୍ୟ ଓ ଯୋଜନା ସଂଯୋଜନା ମନ୍ତ୍ରୀ ପଦ୍ମନାଭ ବେହେରାଙ୍କ ଉପସ୍ଥିତରେ ଦଳରେ ଯୋଗଦାନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ପ୍ରକାଶ ଚନ୍ଦ୍ର ହୋତା, ଭାଜପା ସୋନପୁର ଜିଲା ପର୍ଯ୍ୟବେକ୍ଷକ ମିଳନ ରାଉତରାୟ, ତାରିଣୀ ସାମନ୍ତରାୟ ପ୍ରମୁଖ ଉପସ୍ଥିତ ଥିଲେ। ଉକ୍ତ ମିଶ୍ରଣ ପର୍ବରେ, ଶୁଭମ ହୋତା, ନୀଳାଞ୍ଚଳ ଥାନାପତି, ଦୀପକ ସାହୁ ଶିବାଶିଷ ପଧାନ, ମନୋଜ କୁମାର ହୋତା, ଶିତୁ ଥାନାପତି ପ୍ରମୁଖ ଯୋଗ ଦେଇଥିଲେ।

### ସୋନପୁର ପଲିଟେକ୍‌ନିକ କଲେଜ ନୂତନ କମିଟି ଗଠିତ

ସୋନପୁର,୫।୨(ନି.ପ୍ର.): ମୋ କଲେଜ କାର୍ଯ୍ୟକ୍ରମର ସଫଳ ରୂପାୟନ ପାଇଁ ସୋନପୁର ସରକାରୀ ପଲିଟେକନିକ କଲେଜର ନୂତନ କମିଟି ଗଠିତ ହୋଇଛି। ସମସ୍ତ ପ୍ରାକ୍ତନ ଛାତ୍ରୀଛାତ୍ରଙ୍କୁ ଏହି କାର୍ଯ୍ୟକ୍ରମରେ ସଂଶ୍ଳିଷ୍ଟ କରି କଲେଜର ଶୈକ୍ଷିକ, ଭୌତିକ, ଭିତ୍ତିଭୂମି ଓ ସର୍ବାଙ୍ଗୀନ ବିକାଶ ପାଇଁ ରାଜ୍ୟ ଶିକ୍ଷା ବିଭାଗଙ୍କ ନିର୍ଦ୍ଦେଶକ୍ରମେ ଏହି କମିଟି ଗଠନ କରାଯାଇଛି। ଆଗାମୀ ଦିନରେ ସମସ୍ତଙ୍କ ସହଯୋଗ ନେଇ କଲେଜର ଉନ୍ନତିମୂଳକ କାର୍ଯ୍ୟ କରାଯିବ ବୋଲି ସୂଚନା ଦିଆଯାଇଛି। କମିଟି ଅଧକ୍ଷଭାବେ କଲେଜ ଅଧକ୍ଷ ଗୌରହରୀ ସାହୁ, ବରିଷ୍ଠ ପ୍ରତିନିଧିଭାବେ ସିଭିଲ ଇଞ୍ଜିନିୟରିଂ ବିଭାଗ ମୁଖ୍ୟ ପଦ୍ମଲୋଚନ ବେହେରା, ମେକାନିକାଲ ଇଞ୍ଜିନିୟରିଂ ବିଭାଗ ମୁଖ୍ୟ ଶରତ କୁମାର ବିଶ୍ୱାଳ, ଆଲୁମିନି ସଦସ୍ୟଭାବେ ଜୁନିଅର ସାଇଟ ଇଞ୍ଜିନିୟର ଆରଭିଏନଏଲର ସୁଧାଂଶୁ ରାୟ, ଅନ୍ୟତମ ଆଲୁମିନି ସଦସ୍ୟଭାବେ ଜୀବନ ବୀମା ଏସବିଆଇ ଲାଇଫର ମନୋରଞ୍ଜନ ପାଣିଗ୍ରାହୀ, ଟେକ୍ନିକାଲ ଆସିଷ୍ଟାଣ୍ଟ ଏନଆଇଟି ରାଉରକେଲାର କୃଷ୍ଣଚନ୍ଦ୍ର ସାହୁ, ମନୋନୀତ ପ୍ରତିନିଧି ଭାବେ ବରିଷ୍ଠ ଶିକ୍ଷାବିତ୍ ତଥା ଆଇନଜୀବୀ ପ୍ରଦୀପ କୁମାର ପୁରୋହିତ ଓ ସ୍ୱଚ୍ଛ ଭାରତର ସମ୍ପାଦକ ମନୋରଞ୍ଜନ ତ୍ରିପାଠୀ ଓ କନଭେନର ସଭ୍ୟ ଭାବେ ଗଣିତ ଓ ବିଜ୍ଞାନ ବିଭାଗ ମୁଖ୍ୟ ଶାରଦା କୁମାର ନାୟକଙ୍କୁ କମିଟିରେ ନିଆଯାଇଛି।

### କ୍ରିକେଟ: ସେମିରେ ଝିମବାହାଲ

ପଦ୍ମପୁର,୫।୨(ଡି.ଏନ.ଏ): ପଦ୍ମପୁର ଉପଖଣ୍ଡର ପୁଢେରଖାରଠାରେ ବିବିସିସି ପକ୍ଷରୁ ଆୟୋଜିତ ୫ମ ବାବା ବୁଢ଼ା କ୍ରିକେଟ ଟୁର୍ନାମେଣ୍ଟ ଶନିବାର ଉଦ୍‌ଘାଟିତ ହୋଇଛି। ପ୍ରଥମ ମ୍ୟାଚ୍‌ରେ ବଢ଼େନ ଦଳ ଢୋଲବନ୍ଧ ଦଳକୁ ଓ ଦ୍ୱିତୀୟ ମ୍ୟାଚ୍‌ରେ ଝିମବାହାଲ ଦଳ ଅମଲିପାଲି ଦଳକୁ ହରାଇ କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଥିଲେ। କ୍ୱାର୍ଟର ଫାଇନାଲରେ ଝିମବାହାଲ ଦଳ ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୮ ଓଭରରେ ଗୋଟିଏ ଉଇକେଟ ହରାଇ ୧୧୨ ରନ୍ ସଂଗ୍ରହ କରିଥିଲା। ଜବାବରେ ବଢ଼େନ ଦଳ ୮ ଓଭରରେ ୭ ଉଇକେଟ ହରାଇ ୭୯ ରନ ସଂଗ୍ରହ କରି ପରାଜିତ ହୋଇଥିଲା। ଉଦଘାଟନୀ ଉତ୍ସବରେ ନକୁଳ ଅମରି ମୁଖ୍ୟଅତିଥି ଏବଂ ରୋହିତ ରଣା, କଳ୍ପ ଦୀପ, ସୁଦାମ ଓ ରାଜୁ ନନ୍ଦିଘୋଷ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଟୁର୍ନାମେଣ୍ଟକୁ ଉଦ୍‌ଘାଟନ କରିଥିଲେ। ଝିମବାହାଲ ଦଳର ଲୁରୁଙ୍କୁ ମ୍ୟାନ୍ ଅଫ୍ ଦି ମ୍ୟାଚ୍ ପୁରସ୍କାର ପ୍ରଦାନ କରାଯାଇଥିଲା।

### ଆମ୍ବଗଛରୁ ଯୁବକଙ୍କ ଝୁଲନ୍ତା ମୃତଦେହ ଜବତ

ଉଲୁଣ୍ଡା,୫।୨(ଡି.ଏନ.ଏ): ସୁବର୍ଣ୍ଣପୁର ଜଲା ଉଲୁଣ୍ଡା ବ୍ଲକ ମରିଚପୁର ଗାଁ ନିକଟ ଏକ ଆମ୍ବଗଛରୁ ଜଣେ ଯୁବକଙ୍କ ଝୁଲନ୍ତା ମୃତଦେହ ବୀରମହାରାଜପୁର ପୁଲିସ ଜବତ କରିଛି। ମୃତକ ହେଲେ ହରିଶଙ୍କର ମହାରଣା(୨୪)। ଶୁକ୍ରବାର ରାତିରେ ହରିଶଙ୍କର ଏବଂ ତାଙ୍କ ବାପାଙ୍କ ମଧ୍ୟରେ ପାଟିତୁଣ୍ଡ ହେବା ପରେ ସେ ଘରୁ ଚାଲିଯାଇଥିଲେ। ମାତ୍ର ଶନିବାର ସକାଳୁ ଗାଁ ନିକଟ ଏକ ଆମ୍ବଗଛରେ ତାଙ୍କ ମୃତଦେହ ଝୁଲନ୍ତା ଅବସ୍ଥାରେ ଲୋକ ଦେଖି ତାଙ୍କ ପରିବାର ଲୋକଙ୍କୁ ଖବର ଦେଇଥିଲେ। ବୀରମହାରାଜପୁର ପୋଲିସ ମୃତଦେହ ଜବତ କରିବା ସହ ଏକ ଅପମୃତ୍ୟୁ ମାମଲା ରୁଜୁ କରିଥିଲା। ବ୍ୟବଚ୍ଛେଦ ପରେ ମୃତଦେହ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି।

# ପ୍ରମୁଖ ଦଳଙ୍କୁ ଅନ୍ତର୍ଦ୍ୱନ୍ଦ୍ୱ ଚିନ୍ତା

ପ୍ରେମାନନ୍ଦ ଖମାରୀ
ବରଗଡ଼ ଅଫିସ୍,୫।୨

**ବରଗଡ଼ ବିଧାନସଭା ନିର୍ବାଚନ ମଣ୍ଡଳୀ**



- ୨୦୧୨ ଭୋଟ ଫଳାଫଳ ଆଶାରେ ବିଜେଡି
- ସ୍ଥିତାବସ୍ଥା ଦୋହରାଇବାକୁ ଭାଜପାର ଉଦ୍ୟମ
- ଶାସନ ବିରୋଧୀ ମତଦାନ କଂଗ୍ରେସର ଭରସା

ପଞ୍ଚାୟତ ଭୋଟ୍‌କୁ ନେଇ ବରଗଡ଼ ଜିଲାରେ ରାଜନୈତିକ ଉଷ୍ମତା ପରିଲକ୍ଷିତ ହୋଇଛି। ବରଗଡ଼ ବିଧାନସଭା ନିର୍ବାଚନମଣ୍ଡଳୀରେ ଦଳୀୟ ଅନ୍ତର୍ଦ୍ୱନ୍ଦ୍ୱ ବିଜେଡ଼ି, କଂଗ୍ରେସ, ଭାଜପାକୁ ଅଡୁଆରେ ପକାଇଛି। ଏଠାରେ ବରଗଡ଼ ବ୍ଲକର ୪ ଏବଂ ବରପାଲି ବ୍ଲକର ଗୋଟିଏ ଜୋନ୍ ରହିଛି। ସମୁଦାୟ ୫ ଜିଲା ପରିଷଦ ଜୋନକୁ ନେଇ ଗଠିତ ବରଗଡ଼ ବିଧାନସଭା ନିର୍ବାଚନ ମଣ୍ଡଳୀର ଫଳାଫଳ କାହା ସପକ୍ଷରେ ଯିବ, ଏବେ ତାହା ଆକଳନ କରିବା ସହଜ ହେଉନାହିଁ। ବିଜେଡ଼ି ସବୁ ଜିଲା ପରିଷଦ ଆସନ ହାତେଇବାକୁ ଆଶାବାଦୀ ରହିଥିବା ବେଳେ ଭାଜପା ୨୦୧୭ ପଞ୍ଚାୟତ ଭୋଟ୍‌ର ବିଜୟ ଧାରା ଦୋହରାଇବାକୁ ଚେଷ୍ଟା କରୁଛି। କଂଗ୍ରେସ ଅତିକମ୍‌ରେ ୨୦୦୭ ପଞ୍ଚାୟତ ଭୋଟ୍‌ର ସ୍ଥିତାବସ୍ଥାକୁ ଫେରିବାକୁ ଉଦ୍ୟମ ଚଳାଇଛି। ତେବେ ଦଳ ମଧ୍ୟରେ ରହିଥିବା ଅସନ୍ତୋଷ, ଅନ୍ତର୍ଦ୍ୱନ୍ଦ୍ୱ ସବୁଦଳକୁ ଚିନ୍ତାରେ ପକାଇଛି।

୨୦୦୭ରେ ବରଗଡ଼ ଜୋନ୍-୧ରେ କଂଗ୍ରେସ ଜିତିଥିଲା। ୨୦୧୨ରେ ବିଜେଡ଼ି ଏବଂ ୨୦୧୭ରେ ଭାଜପା ଉକ୍ତ ଆସନକୁ ଦଖଲ କରିଥିଲା। ବିଗତ ତିନି ପଞ୍ଚାୟତ ଭୋଟ୍‌ରେ କ୍ରମାନ୍ୱୟରେ ବିଜୟ ଲାଭ କରିଥିବା ତିନି ପ୍ରମୁଖ ଦଳ ଉକ୍ତ ଆସନକୁ ଗୁରୁତ୍ୱ ଦେଉଛନ୍ତି। ବିଜେଡ଼ି ଦଳୀୟ ପ୍ରାର୍ଥିନୀ ଭାବେ ପୁଷ୍ପା ଭୋଇ, ଭାଜପା ପୂର୍ବତନ ଜିଲା ପରିଷଦ ଅଧ୍ୟକ୍ଷା ମୁକ୍ତା ସାହୁ ଏବଂ କଂଗ୍ରେସ ଦ୍ରୌପଦୀ ଭୋଇଙ୍କୁ ନିର୍ବାଚନ ମଇଦାନକୁ ଛାଡ଼ିଛି। କିନ୍ତୁ ବିଏସ୍‌ପିର ପୁଷ୍ପା ଆଠିଆ, ସ୍ୱାଧିନ ପ୍ରାର୍ଥୀ ମୀତା କୁମ୍ଭାର ଉକ୍ତ ଆସନରେ ନିର୍ଣ୍ଣାୟକ ଭୂମିକା ନେବେ ବୋଲି ଚର୍ଚ୍ଚା ହେଉଛି। ୨୦୦୭ରେ ବରଗଡ଼ ଜୋନ୍-୨ ଆସନ କଂଗ୍ରେସ କବ୍‌ଜାକୁ ଯାଇଥିଲା। କିନ୍ତୁ ୨୦୧୨ ନିର୍ବାଚନରେ ଏହି ଆସନକୁ ବିଜେଡ଼ି ହାତେଇଥିଲା। ମାତ୍ର ୨୦୧୭ରେ ଭାଜପା ଉକ୍ତ ଆସନକୁ ବିଜେଡ଼ିଠାରୁ ଛଡ଼ାଇ ନେଇଥିଲା। ଏଥର ଏହି ଆସନରୁ କଂଗ୍ରେସରୁ କୁନ୍ତୀ କୁମ୍ଭାର, ଭାଜପାରୁ ତପସ୍ୱିନୀ ସାହୁ, ବିଜେଡ଼ିରୁ ପ୍ରଭାସିନୀ ପଧାନ, ଆପ୍‌ରୁ ମେରିୟମ ବାର୍ଲା ଏବଂ ବିଏସ୍ପିରୁ ହୀନା ବାରିକଙ୍କ ମଧ୍ୟରେ ପ୍ରତିଦ୍ୱନ୍ଦ୍ୱିତା ଚାଲିଛି।

୨୦୦୭ ଓ ୨୦୧୨ ପଞ୍ଚାୟତ ଭୋଟରେ ବରଗଡ଼ ଜୋନ୍-୩ ଆସନରେ ବିଜେଡ଼ି ବିଜୟୀ ହୋଇଥିଲା। କିନ୍ତୁ ୨୦୧୭ରେ ଆସନଟି ଭାଜପାକୁ ଚାଲି ଯାଇଥିଲା। କିନ୍ତୁ ଏଥର ଉକ୍ତ ଆସନକୁ ଦଖଲ ପାଇଁ ବିଜେଡ଼ି ପ୍ରାଣମୂର୍ଚ୍ଛା ଉଦ୍ୟମ କରୁଥିବାବେଳେ ଭାଜପା, କଂଗ୍ରେସ ଦବ୍‌ଦବା ଦେଖାଇବା ପ୍ରୟାସ କରୁଛନ୍ତି। ଏହି ଆସନରୁ କଂଗ୍ରେସର ଅନନ୍ତ ତାଣ୍ଡି, ବିଜେଡ଼ିରୁ ମୋହନ ଲୁହା, ଭାଜପାରୁ ରାଜେଶ କୁମ୍ଭାର, ଆପ୍‌ରୁ କ୍ଷୀରେଶ୍ୱର ସେଠ ଏବଂ ବିଏସ୍‌ପିରୁ ଜୟଶଙ୍କର ସିହ୍ନା ପ୍ରତିଦ୍ୱନ୍ଦ୍ୱିତା କରୁଛନ୍ତି। ବରଗଡ଼ ଜୋନ୍-୪ ଆସନ ୨୦୦୭ ପଞ୍ଚାୟତ ଭୋଟ୍‌ରେ କଂଗ୍ରେସ ହାତରେ ରହିଥିଲା। କିନ୍ତୁ ୨୦୧୨ରେ ଏହି ଆସନରେ ବିଜେଡ଼ି ଏବଂ ୨୦୧୭ରେ ଭାଜପା ଜିତିଥିଲା। ଏଥର ଏହି ଆସନ ପାଇଁ ଭାଜପାରୁ ପାର୍ବତୀ ବେହେରା, ବିଜେଡ଼ିରୁ ମୀନାକ୍ଷୀ ପାଣ୍ଡେ, କଂଗ୍ରେସରୁ ରଞ୍ଜିତା ମହାନନ୍ଦ ଏବଂ ବିଏସ୍‌ପିରୁ ସୁରଭି କୁମ୍ଭାର ନିର୍ବାଚନ ଲଢୁଛନ୍ତି।

ବରଗଡ଼ ବିଧାନସଭା ନିର୍ବାଚନ ମଣ୍ଡଳୀ ଅଧୀନରେ ରହିଥିବା ବରପାଲି ବ୍ଲକ ଜୋନ-୧ ଆସନ ୨୦୦୭ରେ କଂଗ୍ରେସ ଏବଂ ୨୦୧୨ରେ ବିଜେଡ଼ି ଦଖଲରେ ଥିଲା। ମାତ୍ର ୨୦୧୭ରେ ଉକ୍ତ ଆସନକୁ ଭାଜପା ଦଖଲ କରିନେଇଥିଲା। ସେତେବେଳେ ଏହି ଆସନରେ ଭାଜପାର ବିଜୟ ପାଇଁ ପ୍ରମୁଖ ଭୂମିକା ନେଇଥିବା ଗୌରହରି ମିଶ୍ର ବିଜେପୁର ଉପନିର୍ବାଚନ ସମୟରୁ ଦଳ ଛାଡ଼ି ବିଜେଡ଼ିରେ ଯୋଗଦାନ କରିସାରିଛନ୍ତି। ଫଳରେ ଏହି ଆସନକୁ ହାତେଇବା ଭାଜପା ପାଇଁ ପୂର୍ବଭଳି ସେତେ ସହଜ ହେଉନାହିଁ। ତଥାପି ବିଜୟ ଆଶାବାଦୀ ହୋଇ ଭାଜପାରୁ ସଂଗ୍ରାମ କେଶରୀ ବାରିକ, ବିଜେଡ଼ିରୁ ଗୋବିନ୍ଦ ସାହୁ, କଂଗ୍ରେସରୁ ତ୍ରିନାଥ ମେହେର ଏବଂ ଭାରତୀୟ କମ୍ୟୁନିଷ୍ଟ ପାର୍ଟିରୁ ଶାନ୍ତ କୁମାର ମେହେର ପ୍ରତିଦ୍ୱନ୍ଦିତା କରୁଛନ୍ତି।

## ବିରାମଚନ୍ଦ୍ରପୁର ଗ୍ରାମରେ ପ୍ରଥମ ଥର ପାଇଁ ୱାର୍ଡମେମ୍ବର ପଦବୀ ପାଇଁ ନିର୍ବାଚନ

ବୌଦ୍ଧ,୫।୨(ସ୍ୱ.ପ୍ର.)

ବୌଦ୍ଧ ଜିଲା ହରଭଙ୍ଗା ବ୍ଲକ ବୀରନରସିଂହପୁର ଗ୍ରାମ ପଞ୍ଚାୟତର ବିରାମଚନ୍ଦ୍ରପୁର ଗ୍ରାମରେ ପ୍ରଥମ ଥର ପାଇଁ ୱାର୍ଡଗୁଡିକରେ ୱାର୍ଡମେମ୍ବର ପଦବୀ ଲାଗି ନିର୍ବାଚନ ହେବାକୁ ଯାଉଛି। ଏହି ଗ୍ରାମରେ ଦେଶ ସ୍ୱାଧୀନ ହେବା ପରଠାରୁ ଯେତେଥର ପଞ୍ଚାୟତ ନିର୍ବାଚନ ହୋଇଛି କେବେ ବି ନିର୍ବାଚନ ହୋଇନାହିଁ। ଗ୍ରାମବାସୀଙ୍କ ସହମତିରେ ୱାର୍ଡମେମ୍ବର ଚୟନ କରାଯାଇଥାଏ। କିନ୍ତୁ ଚଳିତ ନିର୍ବାଚନରେ ପ୍ରଥମ ଥର ପାଇଁ ନିର୍ବାଚନ ହେଉଛି।

ସୂଚନା ମୁତାବକ, ବିରାମଚନ୍ଦ୍ରପୁର ଗ୍ରାମରେ ପଞ୍ଚାୟତର ୫, ୬ ଓ ୭ ନମ୍ବର ୱାର୍ଡ ରହିଛି। ସମସ୍ତ ୱାର୍ଡ ପାଇଁ ଦୁଇ ଜଣ ଲେଖାଏ ପ୍ରାର୍ଥୀ ନିର୍ବାଚନ ଲଢୁଛନ୍ତି। ୫ ନଂ ୱାର୍ଡ ପାଇଁ ସୁରେନ୍ଦ୍ର ମଲିକ ଓ ଗୋପାଳ ବାଗ, ୬ ନମ୍ବର ୱାର୍ଡ ପାଇଁ ବଳରାମ ବେହେରା ଓ ଆର୍ତ୍ତ ବେହେରା ଓ ୭ ନମ୍ବର ୱାର୍ଡ ପାଇଁ ପ୍ରମିଳା ବେହେରା ଓ ବାସନ୍ତୀ ବେହେରାଙ୍କ ମଧ୍ୟରେ ନିର୍ବାଚନ ଅନୁଷ୍ଠିତ ହେଉଛି। ପୂର୍ବରୁ କେବେ ବି ନିର୍ବାଚନ ହୋଇ ନ ଥିବା ବେଳେ ଏଥର ପ୍ରଥମ ଥର ପାଇଁ ନିର୍ବାଚନ ହେଉଥିବାରୁ ଗ୍ରାମର ଏକତା ଏକ ପ୍ରକାର ଭଗ୍ନ ହେବ ବୋଲି କୁହାଯାଉଛି। ମାତ୍ର ଏକ ଗଣତାନ୍ତ୍ରିକ ଦେଶରେ ଚଳିତଥର ୱାର୍ଡମେମ୍ବର ନିର୍ବାଚନ ହେଉଥିବା ଯୋଗୁ ଗ୍ରାମର ବିକାଶଧାରା ତ୍ୱରାନ୍ୱିତ ହେବ ବୋଲି ଯୁବ ସ୍ୱେଚ୍ଛାସେବୀ ବାଲ୍ମିକୀ ମହାକୁଡ ମତ ଦେଇଛନ୍ତି।

## ଦେବୀଙ୍କ ଅଳଙ୍କାର ଜବତ, ୨ ଗିରଫ



ଗିରଫ ୨ ଅଭିଯୁକ୍ତଙ୍କୁ ପୋଲିସ ହାଜର କରିଛି।

ବରଗଡ଼ ଅଫିସ୍,୫।୨

ବରଗଡ଼ ସହର ଉପକଣ୍ଠ ତୋରା ସୂତା ମିଲ୍ ପରିସରରେ ଥିବା ମାଁ କାଳୀ ମନ୍ଦିରରୁ ଦେବୀଙ୍କ ସୁନା, ରୂପା ଅଳଙ୍କାର ଚୋରି ଘଟଣାର ପର୍ଦ୍ଦାଫାସ ହୋଇଛି। ପୋଲିସ ଏହି ଘଟଣାରେ ୨ଜଣଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତମାନେ ହେଲେ ତୋରା ଟାଙ୍କରପଡ଼ାର ରାହୁଲ ହନୁମାନ(୨୬) ଓ ରାଜେନ୍ଦ୍ର କୁମ୍ଭାର(୧୯)। ସେମାନଙ୍କ ପାଖରୁ ରୂପା ମୁକୁଟ, ହାର, ସୁନା ଚୂଡ଼ି ଆଦି ଅଳଙ୍କାର ଉଦ୍ଧାର ହୋଇଛି। ଅଭିଯୁକ୍ତଙ୍କ ବିରୋଧରେ ଟାଉନ ଥାନାରେ ଏକ ମାମଲା (ନଂ.୬୧/୨୨) ରୁଜୁ ହୋଇଛି।

ପ୍ରକାଶ ଯେ, ଗତ ୩ ତାରିଖ ବିଳମ୍ବିତ ରାତିରେ ଅଭିଯୁକ୍ତମାନେ ଦେବୀଙ୍କ ସୁନା, ରୂପା ଅଳଙ୍କାର ଚୋରି କରି ନେଇଥିଲେ। ଏ ନେଇ ମନ୍ଦିର କମିଟି ସମ୍ପାଦକ ବଳରାମ ପ୍ରଧାନ ଟାଉନ ଥାନାରେ ଏତଲା ଦେଇଥିଲେ। ତାଙ୍କ ଏତଲାକୁ ଭିତ୍ତି କରି ପୋଲିସ ତଦନ୍ତ କରି ଅଭିଯୁକ୍ତଙ୍କୁ ଗିରଫ କରିଥିଲା।

## ୭ଦିନ ମଧ୍ୟରେ ବକେୟା ବୀମାରାଶି ଦେବାକୁ ନିର୍ଦ୍ଦେଶ

ପଦ୍ମପୁର, ୫।୨(ଡି.ଏନ.ଏ)

**ପ୍ରଶାସନ, ବୀମା ଅଧିକାରୀ ଓ ଚାଷୀ ସମନ୍ୱୟ ବୈଠକ**

ବରଗଡ଼ ଜିଲାପାଳଙ୍କ ସମ୍ମିଳନୀ କକ୍ଷରେ ଶନିବାର ଏକ ସମନ୍ୱୟ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ପଦ୍ମପୁର ଉପଜିଲାପାଳ, ବୀମା କମ୍ପାନୀର ଅଧିକାରୀ, ସମସ୍ତ ତହସିଲଦାର, ଜିଲା କୃଷି ଅଧିକାରୀ, ବୀମା ସଂକ୍ରାନ୍ତୀୟ ଜିଲା ନୋଡାଲ ଅଫିସର ଓ ରାଜବୋଡାସମ୍ବର କୃଷକ ସଙ୍ଗଠନର ବିଭିନ୍ନ ବ୍ଲକ ପ୍ରତିନିଧି ଉପସ୍ଥିତ ଥିଲେ। ଚାଷୀନେତା ରମେଶ ମହାପାତ୍ର ଆଲୋଚନାରେ ଅଂଶଗ୍ରହଣ କରି ବୀମା କମ୍ପାନୀ ଚାଷୀମାନଙ୍କ ବୀମା ପ୍ରିମିୟମ ନେଇ ଖେଳ ଖେଳୁଛି ବୋଲି ଅଭିଯୋଗ କରିଥିଲେ। ଜିଲାପାଳ ମୋନିଷା ବାନାର୍ଜୀ ଏହାର ସତ୍ୟତା ଜାଣିବାକୁ ଚାହିଁଥିଲେ ମଧ ବୀମା ଅଧିକାରୀ କୌଣସି ସନ୍ତୋଷଜନକ ଉତ୍ତର ଦେଇ ପାରି ନ ଥିଲେ। ଫଳରେ ଜିଲାପାଳ ସେମାନଙ୍କୁ ତାଗିଦ କରିଥିଲେ। ସେ ଜିଲା ମନିଟରିଂ କମିଟିର ଆପ୍ରୁଭାଲ ପାଇଁ ଭୁବନେଶ୍ୱର ଚିଠି କରିବାକୁ ଜିଲା କୃଷି ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ୨୦୨୦-୨୧ର ବକେୟା ଥିବା ବୀମା ପ୍ରାପ୍ୟ ୭ଦିନ ମଧ୍ୟରେ ପଇଠ କରିବାକୁ ଜିଲାପାଳ କମ୍ପାନୀ ଅଧିକାରୀଙ୍କୁ କହିଥିଲେ। ବୈଠକରେ ଭୁବନ ପ୍ରସାଦ ନାୟକ, କ୍ଷମାନିଧି ସାହୁ, ଦହିତ ସାହୁ, ରାହାସ ସାହୁ, ବିଶ୍ୱନାଥ ରଣା, ଅରବିନ୍ଦ ପଣ୍ଡା, ବୀରେନ୍ଦ୍ର ପ୍ରଧାନ, ଗଜପତି ସାହୁ, ସରୋଜ ସାହୁ, ଅଶୋକ ସାହୁ, ରୋହିତ ପ୍ରଧାନ, କୈଳାସ ବାରିକ, ବାଞ୍ଛାନିଧି ନାୟକ, ଅମୃତଲାଲ ସାହୁ, ରାଜୀବ ମିଶ୍ର ପ୍ରମୁଖ ଚାଷୀ ଯୋଗଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ।

## ଜିଲାର ବିକାଶମୂଳକ ଆଲୋଚନାରେ ବରିଷ୍ଠ ନାଗରିକମାନଙ୍କୁ ସମ୍ପୃକ୍ତ କରାଯାଉ

ବୌଦ୍ଧ,୫।୨(ସ୍ୱ.ପ୍ର.)

ବୌଦ୍ଧ ଜିଲାରେ ବିକାଶମୂଳକ ଆଲୋଚନାରେ ବରିଷ୍ଠ ନାଗରିକମାନଙ୍କୁ ଉପଯୁକ୍ତ ସମ୍ମାନ ଓ ଗୁରୁତ୍ୱ ପ୍ରଦାନ କରିବାକୁ ବରିଷ୍ଠ ନାଗରିକ ମଞ୍ଚ ପକ୍ଷରୁ ଏକ ଦାବିପତ୍ର ଇତିମଧ୍ୟରେ ଜିଲାପାଳଙ୍କୁ ପ୍ରଦାନ କରାଯାଇଛି। ବରିଷ୍ଠ ନାଗରିକମାନେ ହେଉଛନ୍ତି ସମାଜର ମେରୁଦଣ୍ଡ ସଦୃଶ। ସେମାନଙ୍କ ଅଭିଜ୍ଞତାକୁ ବିକାଶ କ୍ଷେତ୍ରରେ ଲଗାଯାଇ ପାରିଲେ ସମାଜର ଉନ୍ନତି ହୋଇପାରିବ। ବରିଷ୍ଠ ଆଇନଜୀବୀ, ଅବସରପ୍ରାପ୍ତ ସରକାରୀ କର୍ମଚାରୀ ଓ ସମାଜର ପ୍ରତ୍ୟେକ ବର୍ଗର ଲୋକଙ୍କୁ ନେଇ ବୌଦ୍ଧର ବରିଷ୍ଠ ନାଗରିକ ମଞ୍ଚ ଗଠନ କରାଯାଇଛି। ବରିଷ୍ଠ ନାଗରିକଙ୍କୁ ଉପେକ୍ଷା କରି ଜିଲାର ବିକାଶ ପରିକଳ୍ପନା କରାଯାଇ ନ ପାରେ। ତେଣୁ ବରିଷ୍ଠ ନାଗରିକମାନଙ୍କୁ ଉପେକ୍ଷା ନ କରି ସେମାନଙ୍କ ପରାମର୍ଶ ଓ ମାର୍ଗଦର୍ଶନ ଜିଲାର ବିକାଶରେ ସହାୟକ ହେବ ବୋଲି ଦାବିପତ୍ରରେ ଉଲ୍ଲେଖ ରହିଛି। ଉକ୍ତ ମଞ୍ଚର ସଭାପତି ପ୍ରଭାତ କୁମାର ସାହୁଙ୍କ ନେତୃତ୍ୱରେ ଏକ ପ୍ରତିନିଧି ମଣ୍ଡଳୀ ଜିଲାପାଳ ଲଲାଟେନ୍ଦୁ ମିଶ୍ରଙ୍କୁ ସାକ୍ଷାତ କରି ଏହି ଦାବିପତ୍ର ପ୍ରଦାନ କରିଥିବା ଜଣାଯାଇଛି।

## ସମାଜ ସଂସ୍କାର କାର୍ଯ୍ୟ ଜାରି ରଖିବ ଭିଏଚ୍‌ପି

ସୋନପୁର,୫।୨(ନି.ପ୍ର.)

ବିଶ୍ୱ ହିନ୍ଦୁ ପରିଷଦ ସୁବର୍ଣ୍ଣପୁର ଜିଲା ଶାଖାର କାର୍ଯ୍ୟକାରିଣୀ ବୈଠକ ସ୍ଥାନୀୟ ପଟାଭାଡିସ୍ଥିତ ବନଦୁର୍ଗା ମନ୍ଦିର ପ୍ରାଙ୍ଗଣରେ ଶନିବାର ଅନୁଷ୍ଠିତ ହୋଇଯାଇଛି। ବୈଠକରେ ମୁଖ୍ୟ ପ୍ରାନ୍ତ ଧର୍ମାଚାର୍ଯ୍ୟ ସମ୍ପର୍କ ପ୍ରମୁଖ ସୁଦର୍ଶନ ଦାସ ମୁଖ୍ୟ ଅତିଥିଭାବେ ଯୋଗଦାନ କରିଥିଲେ। ବିଶ୍ୱ ହିନ୍ଦୁ ପରିଷଦ(ଭିଏଚ୍‌ପି) ସମାଜ ସଂସ୍କାର କାର୍ଯ୍ୟ ଜାରି ରଖିବ। ଜିଲାରେ ଆଗାମୀ ସାଙ୍ଗଠନିକ କାର୍ଯ୍ୟକ୍ରମ, ବୃଦ୍ଧି ପାଉଥିବା ବେଆଇନ ଧର୍ମାନ୍ତରୀକରଣ, ଗୋସୁରକ୍ଷା ଓ ମଠ ମନ୍ଦିରର ସୁରକ୍ଷା ସମ୍ପର୍କରେ ବିଶଦ ଆଲୋଚନା ହୋଇଥିଲା। ପ୍ରାନ୍ତଧର୍ମ ପ୍ରସାର ପ୍ରମୁଖ ଦିଲ୍ଲୀପ କୁମାର ମେହେର ବିଶ୍ୱ ହିନ୍ଦୁ ପରିଷଦର ଆଗାମୀ ବାର୍ଷିକ କାର୍ଯ୍ୟକ୍ରମ ଓ ସଂଗଠନ ରୂପରେଖ ସମ୍ପର୍କରେ ଆଲୋଚନା କରିଥିଲେ। ବୈଠକରେ ଭିଏଚ୍‌ପିର ଗଣପତି ପାଢୀ, ଗଣେଷ ପ୍ରଧାନ, ସହସମ୍ପାଦକ ବିଷ୍ଣୁ ବେଜ, ଜିଲା ବଜରଙ୍ଗ ଦଳର ସଂଯୋଜକ ଜିତୁ ବଡମାଳୀ, ସହ ସଂଯୋଜକ ସକୁନ ମିଶ୍ର,ଜିଲା ସତସଙ୍ଗ ପ୍ରମୁଖ ରାକେଶ ବାରିକ ଓ ଦୁର୍ଗାବାହିନୀର କର୍ମକର୍ତ୍ତା ଉପସ୍ଥିତ ଥିଲେ। ବଜରଙ୍ଗ ଦଳର ସହ ସଂଯୋଜକ ସଞ୍ଚିତା ଦାଶ ଧନ୍ୟବାଦ ପ୍ରଦାନ କରିଥିଲେ।



ବୈଠକରେ ବିଶ୍ୱ ହିନ୍ଦୁ ପରିଷଦର କର୍ମକର୍ତ୍ତା।

## ଖବରଦାତାଙ୍କ ବିୟୋଗରେ ଶୋକସଭା

ବୌଦ୍ଧ,୫।୨(ସ୍ୱ.ପ୍ର)

କଳାହାଣ୍ଡି ଜିଲା ମୋହନଗିରି ଜଙ୍ଗଲରେ ମାଓବାଦୀଙ୍କ ଦ୍ୱାରା ବିଛା ଯାଇଥିବା ଲ୍ୟାଣ୍ଡମାଇନ ବିସ୍ଫୋରଣରେ ମୃତ ସାମ୍ବାଦିକ ରୋହିତ କୁମାର ବିଶ୍ୱାଳଙ୍କ ଅମର ଆତ୍ମାର ସଦଗତି କାମନା କରି ବୌଦ୍ଧ ଜିଲା ସାମ୍ବାଦିକ ସଂଘ ପକ୍ଷରୁ ଏକ ଶୋକସଭା ଶନିବାର ସଂଘ କାର୍ଯ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି। ସଂଘର ସଭାପତି ରତ୍ନାକର ବେହେରାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଶୋକସଭାରେ ସ୍ୱର୍ଗତ ବିଶ୍ୱାଳଙ୍କ ଆତ୍ମାର ସଦଗତି କାମନା କରି ଦୁଇମିନିଟ ନିରବ ପ୍ରାର୍ଥନା କରାଯିବା ସହିତ ତାଙ୍କର କର୍ତ୍ତବ୍ୟ ନିଷ୍ଠା ଯୋଗୁ ରାଜ୍ୟ ସରକାର ଶହୀଦର ମାନ୍ୟତା ପ୍ରଦାନ କରିବାକୁ ମତପ୍ରକାଶ ପାଇଥିଲା। ବୈଠକରେ ସଂଘର ସମ୍ପାଦକ ଶଶାଙ୍କ ଶେଖର ମିଶ୍ରଙ୍କ ସମେତ ବରିଷ୍ଠ ସାମ୍ବାଦିକ ରବିନ୍ଦ୍ର କୁମାର ରାଉତ, ଦେବାଶିଷ ପୁରୋହିତ,ଅଜିତ କୁମାର ବାରିକ୍ ଓ ସଜ୍ଜନ କୁମାର ଅଗ୍ରୱାଲା ପ୍ରମୁଖ ଯୋଗଦେଇଥିଲେ।

## ବିଚାରପତିଙ୍କ ଆକାଉଣ୍ଟରୁ ୨ଲକ୍ଷ ଗାଏବ

ବୌଦ୍ଧ,୫।୨(ସ୍ୱ.ପ୍ର.)

ବୌଦ୍ଧରେ ଜଣେ ବିଚାର ବିଭାଗୀୟ ଅଧିକାରୀଙ୍କ ଆକାଉଣ୍ଟରୁ ନେଟ୍ ବେଙ୍କିଂ ଜରିଆରେ ୨ ଲକ୍ଷ ଟଙ୍କା ଠକେଇ ହୋଇଥିବା ନେଇ ବୌଦ୍ଧ ଆଦର୍ଶ ଥାନାରେ ଗତ ଶୁକ୍ରବାର ଅଭିଯୋଗ ହୋଇଛି। ଏନେଇ ପୋଲିସ ପକ୍ଷରୁ ତନାଘନା ଆରମ୍ଭ ହୋଇଛି। ବୌଦ୍ଧ ପରିବାର ଅଦାଲତର ବିଚାରପତି ପ୍ରସନ୍ନ କୁମାର କର୍ଣ୍ଣଙ୍କ ପକ୍ଷରୁ ଥାନାରେ ହୋଇଥିବା ଅଭିଯୋଗ ଅନୁଯାୟୀ ବଲାଙ୍ଗୀର ଇଣ୍ଡିଆନ ବ୍ୟାଙ୍କରେ ତାଙ୍କର ଏକ ଆକାଉଣ୍ଟରୁ ୨ ଲକ୍ଷ ଟଙ୍କା ତାଙ୍କରି ଅଜାଣତରେ ଉଠାଇ ନିଆଯାଇଛି। ଗତ ଡିସେମ୍ବରରେ ତାଙ୍କ ମୋବାଇଲକୁ ଏକ ମେସେଜ ଆସିଥିଲା। ଆକାଉଣ୍ଟରେ ହୋଇଥିବା କିଛି ନେଣଦେଣକୁ ନିଶ୍ଚିତ କରିବାକୁ ମେସେଜରେ ଲେଖାଯାଇଥିଲା। କିନ୍ତୁ ବିଚାରପତି କର୍ଣ୍ଣ ଆସିଥିବା ମେସେଜକୁ କୌଣସି ଗୁରୁତ୍ୱ ନ ଦେଇ ତାଙ୍କର ଏକାଉଣ୍ଟରୁ ଇଣ୍ଟରନେଟ ଜରିଆରେ ନେଣଦେଣ ନ କରିବାକୁ ଉତ୍ତର ଦେଇଥିଲେ। ଆକାଉଣ୍ଟ ଯାଞ୍ଚ କରିବା ପରେ ତା ୩/୦୧/୨୦୨୧ ରୁ ୬/୧/୨୦୨୨ ରିଖ ମଧ୍ୟରେ ୨ଲକ୍ଷ ଟଙ୍କା ତାଙ୍କ ଅଜାଣତରେ ଉଠାଇ ନିଆଯାଇଥିବା ଜାଣିବାକୁ ପାଇ ସେ ଆଶ୍ଚର୍ଯ୍ୟ ହୋଇଯାଇଥିଲେ। ଏ ନେଇ ବିଚାରପତି ବୌଦ୍ଧ ଥାନାରେ ଅଭିଯୋଗ କରିଥିଲେ। ବୌଦ୍ଧ ଥାନା କେସ ନମ୍ବର ୪୭/୨୨ ରେ ଏକ ମାମଲା ରୁଜୁ କରି ପୋଲିସ ପକ୍ଷରୁ ଠକେଇ ଘଟଣାର ତଦନ୍ତ କରାଯାଉଥିବା ଥାନା ଅଧିକାରୀ ମାଧବାନନ୍ଦ ନାୟକ ପ୍ରକାଶ କରିଛନ୍ତି।

## ଫାଇନାଲରେ ଟ୍ରଫିଫାଇଟ, ଲୁସି ପାୱାର ହିଟର

ବାଉଁଶୁଣୀ,୫।୨(ଡି.ଏନ୍.ଏ.)

ବୌଦ୍ଧ ଜିଲା ବାଉଁଶୁଣୀ ହାଇସ୍କୁଲ ଖେଳ ପଡିଆରେ ଆୟୋଜିତ ବାଉଁଶୁଣୀ କ୍ରିକେଟ ଲିଗ୍‌ର ଶନିବାର ନବମ ଦିନ ଖେଳ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଦୁର୍ଯ୍ୟୋଧନ ପ୍ରଧାନ, ସମ୍ମାନିତ ଅତିଥି ଭାବେ ଦୁଃଶାସନ ମହାଲିକ, ହେମକାନ୍ତ ମେହେର, ଅଶିନୀ ସାହୁ, ପ୍ରଶାନ୍ତ ମେହେର ପ୍ରମୁଖ ଉପସ୍ଥିତ ରହି ଖେଳାଳିଙ୍କୁ ଉତ୍ସାହିତ କରିଥିଲେ। ଏହି ଦିନ ତିନିଟି ମ୍ୟାଚ ଅନୁଷ୍ଠିତ ହୋଇଥିଲା। ନବମ ଦିନର ପ୍ରଥମ ଖେଳ ଲୁସିପାୱାର ହିଟର ଓ ଟ୍ରଫିଫାଇଟ ମଧ୍ୟରେ ୧୦ ଓଭର ବିଶିଷ୍ଟ ଖେଳ ଅନୁଷ୍ଠିତ ହୋଇଥିଲା। ପ୍ରଥମେ ବ୍ୟାଟିଙ୍ଗ କରି ଟ୍ରଫି ଫାଇଟର ଦଳ ୧୦ ଓଭରରେ ୨ଉଇକେଟ ହରାଇ ୧୨୮ରନ କରିଥିଲା। ଜବାବରେ ୟୁନିକନ ଇଲେଭେନ ୧୦ ଓଭରରେ ୭ ଉଇକେଟ ହରାଇ ୧୧୮ ରନ କରି ପରାଜିତ ହୋଇଥିଲା। ଦ୍ୱିତୀୟ ଖେଳ ୟଙ୍ଗଷ୍ଟାର ଇଲେଭେନ ସହିତ ୟୁନିକନ ଇଲେଭେନର ହୋଇଥିଲା। ପ୍ରଥମେ ୟୁନିକନ ଇଲେଭେନ ଦଳ ବ୍ୟାଟିଙ୍ଗ କରି ୧୦ଓଭରରେ ୭ ଉଇକେଟ ହରାଇ ୯୭ ରନ କରିଥିଲେ। ଜବାବରେ ୟଙ୍ଗଷ୍ଟାର ଇଲେଭେନ ୮ ଓଭରରେ ୬ ଉଇକେଟ ହରାଇ ୬୪ ରନ କରି ପରାଜିତ ହୋଇଥିଲା। ତୃତୀୟ ଖେଳ ଲୁସି ପାୱାର ହିଟର ଓ ୟୁନିକନ ଇଲେଭେନ ମଧ୍ୟରେ ହୋଇଥିଲା। ଲୁସି ପାୱାର ହିଟର ଦଳ ପ୍ରଥମେ ବ୍ୟାଟିଂ କରି ୧୦ ଓଭରରେ ୭ ଉଇକେଟ ହରାଇ ୧୧୯ ରନ କରିଥିଲେ। ଜବାବରେ ୟୁନିକନ ଇଲେଭେନ ଦଳ ୧୦ ଓଭରରେ ୬ଉଇକେଟ ହରାଇ ୧୧୫ ରନ କରି ପରାଜୟର ସମ୍ମୁଖୀନ ହୋଇଥିଲା। ଗିରିଶ ମେହେର, ଖଗେଶ୍ୱର ମେହେର, ଅବିନାଶ ମିଶ୍ର, ବନମାଳୀ ମେହେର ଖେଳକୁ ପରିଚାଳନା କରିଥିଲେ। ମ୍ୟାନ ଅଫ ଦି ମ୍ୟାଚ ଅବିନାଶ ମିଶ୍ର, କୈଳାସ ସେଠୀ ଓ ଖାନାପୁରି ମେହେରଙ୍କୁ ମୁଖ୍ୟଅତିଥିଙ୍କ ଦ୍ୱାରା ଟ୍ରଫି ପ୍ରଦାନ କରାଯାଇଥିଲା। କ୍ଷୀରୋଦ ଝାଙ୍କର ସ୍କୋର ବୋର୍ଡ ଦାୟିତ୍ୱ ତୁଲାଇଥିଲେ।



ଉଭୟ ଦଳ ଖେଳାଳିଙ୍କ ସହ ଅତିଥିମାନେ।